**ସଂକ୍ଷେପରେ**

## ଆନ୍ଦୋଳନ ପାଇଁ ଅଣ୍ଟା ଭିଡ଼ିଲା ମିଳିତ କ୍ରିୟାନୁଷ୍ଠାନ କମିଟି

### ବ୍ୟାସନଗର ପୌର ପରିଷଦ

ଯାଜପୁର ରୋଡ,୧୦।୨(ଡି.ଏନ.ଏ.): ବ୍ୟାସନଗର ନାଗରିକ କମିଟି ଦ୍ୱାରା ସହରରେ ଥିବା ବିଭିନ୍ନ ଗଣସଂଗଠନମାନଙ୍କୁ ନେଇ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ମଣ୍ଡଳୀର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହେମନ୍ତ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ୟାସନଗର ସହରରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଉପରେ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହାର ସମାଧାନ କରିବାରେ ଶିଥଳତା ପରିଲକ୍ଷିତ ହୋଇଛି ବୋଲି ମତପ୍ରକାଶ ପାଇଛି। ଏପରି କି କେନ୍ଦ୍ରସରକାର ଓଭରବ୍ରିଜ ପାଇଁ ଅର୍ଥ ଅନୁମୋଦନ କରିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନୀରବତା ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷେ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଲୁଚାଛପା ଭାବେ ସମସ୍ତ ଗୃହକର୍ତ୍ତାମାନଙ୍କୁ ନ ଜଣାଇବା ତଥା ପୂର୍ବପୈଠ ଟିକସକୁ ବିଚାରକୁ ନ ନେଇ ମାତ୍ରାଧିକ ଟିକସ ଆକଳନ ସମସ୍ତଙ୍କ ମନରେ କୋକୁଆ ଭୟ ସୃଷ୍ଟିକୁ ଦୃଢ ପ୍ରତିବାଦ କରାଯାଇଛି। ଆସନ୍ତା ୧୩ ତାରିଖ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପୁନର୍ବାର ଦାବି ଉପସ୍ଥାପନ କରିବା ସହିତ ୧୯ ତାରିଖ ଏନ.ସି.ହାଇସ୍କୁଲ ପଡ଼ିଆରେ ଏକ ଗଣକନଭେନ୍‌ଶନ୍ ଆୟୋଜିତ କରାଯିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦୁର୍ଯ୍ୟୋଧନ ରାଉତ, ବିଦ୍ୟାଧର ମହାନ୍ତି, ଦୁଷ୍ମନ୍ତ କୁମାର ନାୟକ, ହୃଦାନନ୍ଦ ସାମଲ, ସଦାଶିବ ଦାଶ, ଚନ୍ଦ୍ରମଣି ସାମଲ ଓ ହୃଷିକେଶ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବଡ଼ବଜାର ବ୍ୟବସାୟୀ ସଂଘର ବୈଠକ

କାଏମା,୧୦।୨(ଡି.ଏନ.ଏ.) : ଜାରକା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ବଡ଼ବଜାର ବ୍ୟବସାୟୀ ସଂଘର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦକ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଜାରକା ଅଞ୍ଚଳରେ ବାରମ୍ବାର ବିଦ୍ୟୁତକାଟର ନିରାକରଣ ଓ ଜାରକା ଫ୍ଲାଏଓଭର ବ୍ରିଜର ଉଭୟ ପାର୍ଶ୍ୱର ସର୍ଭିସରୋଡ଼ରେ ଦୂରଗାମୀ ଓ ସ୍ୱଳ୍ପ ଦୂରଗାମୀ ବସ ରହଣୀ କରିବା ପାଇଁ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ହୋଇଥିଲା। ଜାରକା ବଜାରର ପଡୋଶୀ ପଞ୍ଚାୟତଗୁଡିକର ପ୍ରତିନିଧି ବୃନ୍ଦଙ୍କୁ ନେଇ ଆସନ୍ତା ୨୦ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ କରିବା ପାଇଁ ସ୍ଥିର ହୋଇଥିଲା। ଏହି ବୈଠକରେ କରୁଣାକର ବରାଳ, ସତ୍ୟପ୍ରିୟ ମହାନ୍ତି, କିଶୋର ନାୟକ, ଅନିରୁଦ୍ଧ ରାଉତ, ବ୍ରଜକିଶୋର ମହାନ୍ତି, ଅମରେନ୍ଦ୍ର ରାଉତ, ଅଶୋକ ସାହୁ, ଅଶୋକ ବରାଳ, କାଶୀନାଥ ସାହୁ, ନକୁଳ ସାହୁ, ଦୁର୍ଯ୍ୟୋଧନ ସାହୁ, ଦିଲୀପ ଜେନା, ଲକ୍ଷ୍ମଣ ସାହୁ, ରବିନାରାୟଣ ସାହୁ, ପର୍ଶୁରାମ ବିଶ୍ୱାଳ, ଅରୁଣ ମାହାନା, ଗୁରୁ ଚରଣ ନାଥ, ସରିତ ଦାସ, ପ୍ରୀତିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିଇଓଙ୍କ ପତ୍ରକୁ ୪ ମାସ ଚାପି ଦିଆଗଲା

ଯାଜପୁର ଅଫିସ,୧୦।୨

ଗତ ଏକ ଦଶନ୍ଧି ହେଲା ନକଲି ପ୍ରମାଣପତ୍ର ବଳରେ ଚାକିରି କରୁଥିବା ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ସରକାରୀସ୍ତରରେ ପଦକ୍ଷେପ ନିଆଯାଉଛି। ହେଲେ ବାଡ଼ ଫସଲ ଖାଇବା ସଦୃଶ ନକଲି ଶିକ୍ଷକଙ୍କୁ ସୁରକ୍ଷା ଦେବା ଆଳରେ ମାସ ମାସ ଧରି ତଦନ୍ତ ରିପୋର୍ଟକୁ ଚପାଇ ଦିଆଯାଉଥିବାରୁ ସରକାରଙ୍କ ଏହି ମହତ ଉଦ୍ଦେଶ୍ୟ ପରାହତ ହେଉଛି। ଯାଜପୁର ଜିଲା କୋରେଇ ବ୍ଲକରେ ଏଭଳି ଉଦାହରଣ ଦେଖିବାକୁ ମିଳିଛି। ଆରଡିସିଙ୍କ ନିର୍ଦ୍ଦେଶ ଆଧାରରେ କୋରେଇ ବିଇଓ(ବ୍ଲକ ଶିକ୍ଷାଧିକାରୀ) ୯ ଜଣ ଶିକ୍ଷକଙ୍କ ଜାତିଗତ ପ୍ରମାଣପତ୍ର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ବ୍ୟାସନଗର ତହସିଲଦାରଙ୍କୁ ଗତ ୪ ମାସରୁ ଊର୍ଦ୍ଧ୍ୱ ସମୟ ହେବ ପତ୍ର ଲେଖିଥିଲେ । ହେଲେ ତାହାକୁ ଜାଣିଶୁଣି ଚାପି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି।

ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ତାଲିକାଭୁକ୍ତ ନକଲି ପ୍ରମାଣପତ୍ରଧାରୀ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଜିଲା ଶିକ୍ଷାଧିକାରୀ(ଡିଇଓ) ଓ ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି)ଙ୍କ ସମେତ ୫୫ ଜଣ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଜବାବ୍ ତଲବ ହୋଇଥିଲା । କିନ୍ତୁ ସମ୍ପୃକ୍ତ ଅଧିକାରୀମାନେ ଏହାର ଉଲ୍ଲଂଘନ କରି ଆସୁଛନ୍ତି। ଏହିକ୍ରମରେ ଯାଜପୁର ଜିଲା କୋରେଇ ବ୍ଲକରେ ୯ ଜଣ ନକଲି ପ୍ରମାଣପତ୍ର ବଳରେ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ଅଭିଯୋଗ ଉପରେ କଟକ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆରଡିସି)


OFFICE OF THE BLOCK EDUCATION OFFICER, KORAI

No. 1307 /Dt: 23.9.22

To
The Tahasildar, Vyasanagar, Jajpur Road, Jajpur.
Ref: Letter No.7631 dt: 08.08.2022 of RDC Central Division Cuttack.
Sub: Verification of caste certificate.
Sir,

As per the RDC Central Division Cuttack, the letter no-7631/ Dt-08.08.2022 and subject cited above, I submit herewith the following teacher's caste certificate for verification. It is alleged that they have been recruited as Primary school teacher on production of caste certificate at the time of appointment.

| Sl. No. | Name of the Teacher | Address | Fathers Name | Category | Certificate No |
|---|---|---|---|---|---|
| 1. | Arnapurna Dehury | At-Asanjhar | Laxmidhar Dehury | ST | 10432/2006 |
| 2. | Bhagabati Dehury | At-Asanjhar | Laxmidhar Dehury | ST | 10431/2006 |
| 3 | Muralidhar Dehury | At-Asanjhar | Laxmidhar Dehury | ST | 3148/1999 |
| 4 | Madhusudan Nayak | At-Asanjhar | Bhagyadhar Nayak | ST | 1197/2000 |
| 5 | Susanta Kumar Nayak | At-Asanjhar | Ramesh Nayak | ST | 743/2002 |
| 6 | Bipin Nayak | At-Asanjhar | Dolagobinda Nayak | ST | 9972/2007 |
| 7 | Rama Chandra Pradhan | At-Asanjhar | Sahadeb Pradhan | ST | 1150/2000 |
| 8 | Prakash Chandra Jena | At-Ramakrishnapur | Kashi Charan Jena | ST | 3878/2002 |
| 9 | Sarojini Swain | At-Raghupur | Nakula Swain | ST | 8187/2011 |

This is for favour of your kind information and necessary action.
Enclosure
9 nos Caste certificate

Yours faithfully

ବିଇଓଙ୍କ ପତ୍ର।

ଗତ ୮।୮।୨୦୨୨ରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଭିତ୍ତି କରି କୋରେଇ ବିଇଓ ତାଙ୍କ ପତ୍ରସଂଖ୍ୟା ୧୩୦୯/୨୩।୯।୨୦୨୨ରେ ବ୍ୟାସନଗର ତହସିଲଦାରଙ୍କୁ ୯ ଜଣ ପ୍ରାଥମିକ ଶିକ୍ଷକଙ୍କ ଜାତିଗତ ପ୍ରମାଣପତ୍ର ସମ୍ପୃକ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପତ୍ର ଲେଖିଥିଲେ। ଉକ୍ତ ପତ୍ରରେ କୋରେଇ ବ୍ଲକ ଅସନଝରର ପ୍ରାଥମିକ ସ୍କୁଲର ଅନ୍ନପୂର୍ଣ୍ଣା ଦେହୁରୀ ଓ ସୁଶାନ୍ତ କୁମାର ନାୟକ, ରାମକ୍ରିଷ୍ଣାପୁର ପ୍ରାଥମିକ ସ୍କୁଲର ଭଗବତୀ ଦେହୁରୀ, ଏମ୍ଏଲଏ ଉଚ୍ଚ ବିଦ୍ୟାପୀଠର ମୁରଲୀଧର ଦେହୁରୀ, ଧନତ୍ରୀ ପ୍ରାଥମିକ ସ୍କୁଲର ମଧୁସୂଦନ ନାୟକ, ଏସ.କେ. ଗଡିଆ ପ୍ରାଥମିକ ସ୍କୁଲର ବିପିନ ନାୟକ, କଡମା ନୋଡାଲ ସ୍କୁଲର ରାମଚନ୍ଦ୍ର ପ୍ରଧାନ, ସୋଲବନ୍ଧୀ ପ୍ରାଥମିକ ସ୍କୁଲର ପ୍ରକାଶ ଚନ୍ଦ୍ର ଜେନା ଓ ଯୁଗଳ ନୂତନ ପ୍ରାଥମିକ ସ୍କୁଲର ସରୋଜିନୀ ସ୍ୱାଇଁଙ୍କ ନାମ ରହିଥିଲା। ଉକ୍ତ ପତ୍ରକୁ ବ୍ୟାସନଗର ତହସିଲ ଅଫିସ କର୍ତ୍ତୃପକ୍ଷ ସିଲ ସହ ୨୬।୯।୨୦୨୨ରେ ଗ୍ରହଣ କରିଥିବା ମଧ୍ୟ ସ୍ୱାକ୍ଷର ରହିଛି। ଇତିମଧ୍ୟରେ ପାଖାପାଖି ୫ ମାସ ଅତିକ୍ରାନ୍ତ ହୋଇ ସାରିଛି। କିନ୍ତୁ କେଉଁ ସ୍ୱାର୍ଥ ରଖି ବିଇଓଙ୍କ ଉକ୍ତ ପତ୍ରକୁ ଚାପି ଦିଆଯାଇଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

ଏହି ବ୍ଲକର ଅନେକ ଶିକ୍ଷକ ପଡ଼ୋଶୀ ଜିଲାରେ କିଛି ଜମି କିଣି ସେଥିରେ ତହସିଲଭୁକ୍ତ ଜାତି ଓ ଜନଜାତି ଦର୍ଶାଇ ଜମି ପଟ୍ଟା ହାସଲ କରିଛନ୍ତି। ଉକ୍ତ ପଟ୍ଟା ବଳରେ ସରକାରଙ୍କ ବିଭିନ୍ନ ସୁବିଧାସୁଯୋଗ ହାସଲ କରି ଆସୁଛନ୍ତି। ଏଥିରେ କେତେକ ଜିଲା ଓ ରାଜ୍ୟସ୍ତରୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେବାରେ ଅବହେଳା କରି ସେହି ନକଲି ପ୍ରମାଣଧାରୀଙ୍କୁ ପରୋକ୍ଷରେ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ଅସନଝର ମୌଜାରେ ଜଣେ ଯୁବକ କେନ୍ଦୁଝର ଘସିପୁରା ତହସିଲ ଅଞ୍ଚଳରେ ୨ ଡେସମିଲ ଜମି କିଣି ସେଥିରେ ଶବର ଜାତି ଦର୍ଶାଇଛନ୍ତି। ସେହି ଜମିପଟ୍ଟା ବଳରେ

**ନକଲି ପ୍ରମାଣପତ୍ରଧାରୀ ଶିକ୍ଷକ ପ୍ରସଙ୍ଗ**

**■କେତେଜଣଙ୍କ ତଦନ୍ତ ବାକି ଅଛି, ଦିଆଯିବ ବୋଲି କହିଲେ ତହସିଲଦାର**

**■ଚିଠି ଆସିନାହିଁ କହୁଥିଲେ ଅତିରିକ୍ତ ତହସିଲଦାର**

ଆଦିବାସୀ ଜାତିଗତ ପ୍ରମାଣପତ୍ର ହାସଲ କରି ଗଜପତି ଜିଲା ଆର.ଉଦୟଗିରି ବ୍ଲକର ଏକ ସ୍କୁଲରେ ସରକାରୀ ଶିକ୍ଷକତା କରୁଛନ୍ତି। ଏନେଇ ଅଭିଯୋଗ ହେବା ପରେ ମଧ୍ୟ ଏଯାଏ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ। ସେହିପରି ବଡ଼ଚଣା ବିଇଓଙ୍କ ନାମରେ ଅଭିଯୋଗ ହେବା ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲାକୁ ବଦଳି କରିବାରେ କାର୍ଯ୍ୟାନୁଷ୍ଠାନ ସୀମିତ ରଖାଯାଇଛି। ଏଭଳି ଅନେକ ଅନିୟମିତତାରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ସହଯୋଗ କରାଯାଉଥିବା ଅଭିଯୋଗ ହେଉଛି। ଯାହାକି କୋରେଇ ବିଇଓଙ୍କ ପତ୍ରକୁ ଚାପି ଦେଉଥିବା ଘଟଣାର ସନ୍ଦେହ ଦୃଢ଼ୀଭୂତ ହେଉଛି।

ଏ ସଂକ୍ରାନ୍ତରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝିଙ୍କୁ ପଚାରିବାରୁ ସେ କହିଛନ୍ତି, ଆଉ ୨ରୁ୩ ଜଣଙ୍କ ତଦନ୍ତ କରିବାର ବାକି ରହିଛି। ଖୁବ୍‌ଶୀଘ୍ର ତଦନ୍ତ ରିପୋର୍ଟ ଦାଖଲ କରାଯିବ। ଅନ୍ୟପକ୍ଷେ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ପ୍ରଥମେ କହିଛନ୍ତି, ସେଭଳି ଚିଠି ସଂକ୍ରାନ୍ତରେ ସେ କିଛି ଜାଣି ନାହାନ୍ତି। ପରେ ପୁଣି କୋରେଇ ବିଇଓ ମିଛ କହୁଛନ୍ତି, ସେଭଳି କିଛି ଚିଠି ସେ ଦେଇ ନାହାନ୍ତି। ତାଙ୍କୁ ଚିଠି ମାଗ ବୋଲି କହିଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ଶିଳାନ୍ୟାସ


ବିଧାୟକ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାର ଶିଳାନ୍ୟାସ କରୁଛନ୍ତି।

ଚଣ୍ଡିଖୋଲ,୧୦।୨(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳାଠାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବିଧାୟକ ଶତପଥୀ ଯୋଗଦେଇ କହିଥିଲେ, ଜାତୀୟ ରାଜପଥ ୧୬ ନଂ.ର କଡ଼େଇ ଛକଠାରୁ ଏହି ରାସ୍ତା କଇତି ପୋଖରୀ ଦେଇ ବନ୍ତଳାଠାରେ ଲାଗିବ। ୫ କି.ମି. ୩୮ ମିଟର ଲମ୍ବ ଏହି ରାସ୍ତା ନିର୍ମାଣରେ ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହେବାକୁ ଥିବା ସମ୍ପୃକ୍ତ ରାସ୍ତାଟି ୯ ମାସ ମଧ୍ୟରେ ଶେଷ କରାଯିବ। ଏହାର ଉନ୍ନତୀକରଣ ଦ୍ୱାରା ବନ୍ତଳା ପଞ୍ଚାୟତବାସୀ ଉପକୃତ ହେବେ। ବନ୍ତଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ମିନାକ୍ଷୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ସୁଶାନ୍ତ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାଶ ନନ୍ଦ, ନିରଞ୍ଜନ ସେନାପତି, ଦିଲୀପ କୁମାର ସାମଲ ଓ ନଗେନ୍ଦ୍ର ମିଶ୍ରଙ୍କ ସମେତ ବିଜୁ ଜନତା ଦଳର ବହୁ କର୍ମୀ ଉପସ୍ଥିତ ଥିଲେ।

## ଭାଜପାର ମିଶ୍ରଣ ପର୍ବ


ଭାଜପାରେ ସାମିଲ ହୋଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

କାଳିଆପାଣି,୧୦।୨(ଡି.ଏନ.ଏ.): ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଧୀନ ରାସୋଳ ପଞ୍ଚାୟତରେ ଭାଜପା ପକ୍ଷରୁ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଆକୃଷ୍ଟ ହୋଇ ବିଜେଡି ଓ କଂଗ୍ରେସର ବହୁ ସମର୍ଥକ ସୁକିନ୍ଦା ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଇଛନ୍ତି। ନିରଞ୍ଜନ ମହାନ୍ତ, ଲକ୍ଷ୍ମଣ ମୁଣ୍ଡା, ମଣ୍ଟୁ ମୁଣ୍ଡା, ସନାତନ ମୁଣ୍ଡା, ଦୀପକ ମହାନ୍ତ, ପଧାନ ଲାଗୁରି, ରଞ୍ଜିତ ମହାନ୍ତ, ବାସୁଦେବ ଟୁଡୁ, ଜଳଧର ମହାନ୍ତ, ଲକ୍ଷ୍ମଣ ପୂର୍ତ୍ତି ପ୍ରମୁଖଙ୍କୁ ବଳ ସାମନ୍ତ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପଞ୍ଚାୟତ ସଭାପତି ଯଦୁମଣି ମହାନ୍ତ, ଦୀପୁ ପାତ୍ର, ବରିଷ୍ଠ କର୍ମୀ ସନ୍ତୋଷ ମୁଦୁଲି, କୁନା ମହାନ୍ତ ଓ ବିଜୟ ମହାନ୍ତଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

## କାଏମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୧୦।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ କାଏମାସ୍ଥିତ ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅପରାହ୍ନରେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାଜର ପୂର୍ବତନ ବରିଷ୍ଠ ସହସମ୍ପାଦକ ଅରୁଣ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଦେଶର ଭବିଷ୍ୟତ ରାଷ୍ଟ୍ରଭକ୍ତମାନେ ସ୍ୱରସ୍ୱତୀ ଶିଶୁ ମନ୍ଦିରରୁ ବାହାରୁଛନ୍ତି। ଆଜିର ଶିଶୁ ଆଗାମୀ ଦିନର ଭବିଷ୍ୟତ, ନୈତିକ ଶିକ୍ଷା, ସୁଦ୍ଧ ଚରିତ୍ର ଓ ପଠନଶୀଳ ମନବୃତିକୁ ଛାତ୍ରୀଛାତ୍ର ଐକକେନ୍ଦ୍ରିକ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହ ଦେଶର ସୁସ୍ଥ ନାଗରିକ ହୋଇପାରିବେ ବୋଲି ପଣ୍ଡା ମତବ୍ୟକ୍ତ କରିଥିଲେ। ପରିଚାଳନା କମିଟି ସଭାପତି ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥିଭାବେ ଧର୍ମଶାଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଓ ମୁଖ୍ୟବକ୍ତା ଓଡ଼ିଶା ଶିକ୍ଷାବିକାଶ ସମିତି ସଙ୍ଗଠନ ସମ୍ପାଦକ ରମାକାନ୍ତ ମହାନ୍ତ ଯୋଗଦେଇ ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଗ୍ରହଣ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସମ୍ପାଦକ ଇଂ. ଚିତ୍ତରଞ୍ଜନ ମଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ବୀରବର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ରୀତାରାଣୀ ମଞ୍ଚ ପରିଚାଳନା କରିଥିବାବେଳେ ସହ ସମ୍ପାଦିକା ଡ. ସସ୍ମିତା ଦାଶ ଧନ୍ୟବାଦ ଦେଇଥିଲେ। ପୂର୍ବତନ ଶଙ୍କୁଳ ପ୍ରମୁଖ ଧ୍ରୁବଚରଣ ପୃଷ୍ଟି, ବିଜୟ ସାହୁ, ତ୍ରିଲୋଚନ ପ୍ରଧାନ, ରାହାସ ବିହାରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁମନ୍ଦିର ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ଆଚାର୍ଯ୍ୟାଆଚାର୍ଯ୍ୟ ଓ ସେବିକାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

ରଗଡି,୧୦।୨(ଡି.ଏନ.ଏ.)

କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତର କୋରାବନ୍ଦୀ(ଜଗନ୍ନାଥ ପୁର) ଗ୍ରାମରେ ୮୭ ତମ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ମାଧବ ଚନ୍ଦ୍ର ଦାସ ମୁଖ୍ୟପୂଜକ ଭାବେ କାର୍ଯ୍ୟ ସମ୍ପାଦିତ କରିଥିଲେ। ଗ୍ରାମର କିଶୋର ରାଉତ ଦଧି ଭାଣ୍ଡ ଭାଙ୍ଗିଥିଲାବେଳେ ଦୀପକ ମଲିକ, ରାଜୁ ମାଝି, ସରୋଜ ସ୍ୱାଇଁ, ସୌମ୍ୟରଞ୍ଜନ ସ୍ୱାଇଁ, ବାପୁନି ଜେନା, ମନୋଜ ରାଉତ, ସଞ୍ଜୀବ ରାଉତ, ସୁଶାନ୍ତ ଜେନା ପ୍ରମୁଖ ସମସ୍ତ କାର୍ଯ୍ୟ ନିର୍ବାହ କରିଥିଲେ। ଉତ୍ସବରେ ରଙ୍ଗାଧର ବରାଳ, ଦୁର୍ଯ୍ୟୋଧନ ମଲ୍ଲିକ, ପ୍ରଫୁଲ୍ଲ ରାଉତ, ଅକ୍ଷୟ ରାଉତ, କହ୍ନେଇ ରାଉତ, ଚିନ୍ତାମଣି ମହାରଣା, ନିରଞ୍ଜନ ମହାରଣା, ଅମର ମାଝି, ନାରାୟଣ ରାଉତ, ଅଜୟ ମଲ୍ଲିକ ପ୍ରମୁଖ ମୁଖ୍ୟ ସହଯୋଗୀ ଥିଲେ। ଅନ୍ଧାରୀ ପଞ୍ଚାୟତ ସରପଞ୍ଚ ରାଜେନ୍ଦ୍ର ରାଉତରାୟ, କୋରେଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଭିକାରୀ ବରାଳ, ଜିଲା ପରିଷଦ ସଭ୍ୟ ସସ୍ମିତା ତରେଇ, ବ୍ୟାସନଗର ପୌର ପାଳିକାର ପୋରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ପୂର୍ବତନ ପୋରାଧ୍ୟକ୍ଷା ସବିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ


କଣିପାଟିଆ ଗ୍ରାମରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞ।

ଧର୍ମଶାଳା,୧୦।୨(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ କଣିପାଟିଆ ଗ୍ରାମରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ କଳସ ପ୍ରତିଷ୍ଠା ଓ ଅଧିବାସ ହୋଇଥିଲା। ଗୁରୁବାର ପ୍ରାତଃରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ୮ ଗ୍ରାମର ସଙ୍କୀର୍ତ୍ତନମଣ୍ଡଳି ଯୋଗଦେଇ ରାଧାକୃଷ୍ଣଙ୍କ ନାମଜପ କରିଥିଲେ। ଶୁକ୍ରବାର ନଗର ପରିକ୍ରମା କରାଯାଇ ନାମଯଜ୍ଞ ଉଦ୍‌ଯାପିତ ହୋଇଥିଲା। ରବୀନ୍ଦ୍ର ସ୍ୱାଇଁ କର୍ତ୍ତା ଦାୟିତବ ତୁଲାଇଥିଲେ।

## ଗୀତାଯଜ୍ଞ, ପୂଜ୍ୟପୂଜା ସମ୍ମାନ ଉତ୍ସବ


ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ବ୍ୟକ୍ତି ବିଶେଷ।

ରସୁଲପୁର,୧୦।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତର ଓଡ଼ିଶୋ-ଅଣ୍ଡେଇଗୋଡ଼ା ଗ୍ରାମରେ ୩ୟ ବାର୍ଷିକ ଗୀତାଯଜ୍ଞ ଓ ପୂଜ୍ୟପୂଜା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ଯାଜପୁର ଜିଲା ଆବାହକ ଡ. ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚକ୍ରଧର ସାହୁ, ସାମାଜିକ କର୍ମୀ ପ୍ରହ୍ଲାଦ ପଣ୍ଡା, ବାବା ବିଜୟ ଦାଶ, ଅରୁପାନନ୍ଦ ଦାଶ, ସେବାୟତ ବାଉରିବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇ ଗୀତା ଓ ଭାଗବତର ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ପ୍ରଫୁଲ୍ଲ ପୃଷ୍ଟି, କେଶବ ଚରଣ ଲେଙ୍କା, ଭଗବାନ ବାରିକ, ନଟବର ମିଶ୍ର, ଶଙ୍କର୍ଷଣ ପଣ୍ଡା, ହୃଷୀକେଶ ସାହୁ ଓ ଦୁର୍ଯ୍ୟୋଧନ ସାମଲ ପ୍ରମୁଖଙ୍କୁ ଅତିଥି ସମ୍ମାନିତ କରିଥିଲେ। ସ୍ୱପ୍ନେଶ୍ୱର ଉନ୍ନୟନ କମିଟି ସମ୍ପାଦକ ମନୋଜ ନାୟକ ସଭା ସଞ୍ଚାଳନ କରିଥିବାବେଳେ ସୁଶାନ୍ତ ମଲିକ ଧନ୍ୟବାଦ ଦେଇଥିଲେ। ବିନୋଦ ବିହାରୀ ପଣ୍ଡା ଓ ସହଧର୍ମିଣୀ ମାନସୀ ପଣ୍ଡା ଯଜ୍ଞ କାର୍ଯ୍ୟରେ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ। ପଣ୍ଡିତାଚାର୍ଯ୍ୟ ନିରଞ୍ଜନ କର, ପୁସ୍ତକାଚାର୍ଯ୍ୟ ନବଘନ ପଣ୍ଡା ଓ ଦେବେନ୍ଦ୍ର ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ପରିଚାଳିତ ହୋଇଥିଲା। ଇଂ. ଅର୍ଜିତ ମଲ୍ଲିକଙ୍କ ନେତୃତ୍ୱରେ ଯଜ୍ଞ ସମ୍ପନ୍ନ ହୋଇଥିଲା। ମନ୍ଦିର ପରିଚାଳନା କମିଟ ସଦସ୍ୟ ଓ ସେବାୟତମାନେ ଯଜ୍ଞ କାର୍ଯ୍ୟ ସୁଚାରୁ ରୂପେ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ସଙ୍କୀର୍ତ୍ତନମଣ୍ଡଳୀ ପକ୍ଷରୁ ନାମ ସଙ୍କୀର୍ତ୍ତନ, ଗାନଭଜନ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଶତାଧିକ ଭକ୍ତ ଯୋଗ ଦେଇଥିଲେ।

## ବିଜୁ ସେତୁ ନିର୍ମାଣସ୍ଥଳକୁ ନେଇ ତେଜୁଛି ଅସନ୍ତୋଷ

କୋରେଇ,୧୦।୨(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ପାଇଁ ରାଜ୍ୟ ସରକାର ୨୦୧୧ରେ ଆରମ୍ଭ କରିଥିବା ବିଜୁ ସେତୁ ଯୋଜନାର ସଫଳ ରୂପାୟନ ପରାହତ ହୋଇଛି। କେତେଜଣ ଠିକାଦାର ଓ ଅଧିକାରୀଙ୍କ ଲାଭଖୋର ମନୋଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜମି ଅଧିଗ୍ରହଣ ନ କରି ସେତୁ ନିର୍ମାଣ ନକ୍ସାରେ ପରିବର୍ତ୍ତନ, ମନ୍ଥର ଗତିରେ କାମ ତଥା ନିମ୍ନମାନର କାର୍ଯ୍ୟ ଯୋଗୁ ଜନସାଧାରଣଙ୍କ ଉପଯୋଗୀ ହୋଇପାରୁନାହିଁ । ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତ ବରୁଣ୍ଡେଇ-ବନ୍ଦାଳ ରାସ୍ତାର ଶାମୁକା ନାଳ ଉପରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ଚାଲିଥିବା ବିଜୁ ସେତୁ ସ୍ଥଳକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି । ସୂଚନା ଅନୁଯାୟୀ ଏଠାରେ ଚାଲିଥିବା ବିଜୁ ସେତୁ କାମ ଶୈଳବାଳା ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ୍ ନାମକ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ୭ କୋଟି ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅଟକଳ ହୋଇଛି। ଏହି ସେତୁର ଦୈର୍ଘ୍ୟ ୮୯.୪୪ ମିଟର ଓ


ବିଜୁ ସେତୁ ନିର୍ମାଣ କରାଯାଉଛି।

ପ୍ରସ୍ଥ ୨.୫୫ ମିଟର ହୋଇଥିବାବେଳେ ଏହାର ନିର୍ମାଣ ଆସନ୍ତା ସେପ୍ଟେମ୍ବର ୨୮ ସୁଦ୍ଧା ସରିବ ବୋଲି ସୂଚନା ଫଳକରେ ଉଲ୍ଲେଖ ରହିଛି । ହେଲେ ବିଡମ୍ବନାର ବିଷୟ ଏହି ସେତୁର ନିର୍ମାଣ ହେଉଥିବା ଜମିକୁ ନେଇ ବିଭିନ୍ନ ଅଭିଯୋଗ ହେଉଛି। ସେତୁର କାମ ସଠିକ ଭାବେ ହେଉନାହିଁ ବୋଲି ସ୍ଥାନୀୟ ସରପଞ୍ଚ ବିଷ୍ଣୁ ରଥ ଅଭିଯୋଗ କରିଛନ୍ତି। ଏଥିରେ ବ୍ୟବହାର ହେଉଥିବା ରଡ଼, ସିମେଣ୍ଟ, ଚିପ୍ସ ଇତ୍ୟାଦି ନିମ୍ନ ମାନର ହୋଇଥିବା ସହ ଯେତିକି ଗଭୀରରେ ବୋରିଂ କରାଯିବା କଥା ତାହା ହୋଇ ନ ଥିବା ଅଭିଯୋଗ ହୋଇଛି । ନିର୍ମାଣ ହେଉଥିବା ସେତୁର ଜମି ଝାଟିଆସାହି ମୌଜାର ଖାତା ନଂ ୧୩୬, ଯାହାକି ବ୍ୟକ୍ତିଗତ ଜମି ବୋଲି ବନ୍ଦାଳ ଗ୍ରାମର ଗୋପୀନାଥ ସାହୁ, ପର୍ଶୁରାମ ସାହୁ, ଦାମୋଦର ସାହୁ ଓ ବିଷ୍ଣୁ ସାହୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ କର୍ଣ୍ଣପାତ ନ କରି ଠିକାଦାର ବେପିଙ୍କର ଭାବେ ନିର୍ମାଣ କାମ ଆଗେଇ ନେଉଛନ୍ତି । ଏପରି କି ଏହାକୁ ପ୍ରତିବାଦ କଲେ ଠିକାଦାରଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ଲୋକମାନେ ଧମକଚମକ ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ ଗ୍ରାମ୍ୟ ନିର୍ମାଣ ବିଭାଗର ଜୁନିୟର ଇଞ୍ଜିନିୟର ରଞ୍ଜନ କୁମାର ବେହେରାଙ୍କ ମତାମତ ନେବାକୁ ତାଙ୍କୁ ଫୋନ୍ କରାଯାଇଥିଲା। ହେଲେ ସେ କଲ ଗ୍ରହଣ କରି ନ ଥିଲେ।

**■ବ୍ୟକ୍ତିଗତ ଜମିରେ କାମ ଚାଲିଥିବା ଅଭିଯୋଗ**

**■ଅତିରିକ୍ତ ଜିଲାପାଳଙ୍କୁ ଜଣାଇଲେ ଗ୍ରାମବାସୀ**

## ରାଜ୍ୟସ୍ତରୀୟ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**ରାଜନଗର,(ଡି.ଏନ.ଏ) :** ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏବଂ ଓଷ୍ଟା ଆନୁକୂଲ୍ୟରେ ଆୟୋଜିତ ହାଇଜମ୍ପ ପ୍ରତିଯୋଗିତାରେ ରାଜନଗର ବ୍ଲକ ବାଘମାରି ବିବେକାନନ୍ଦ ହାଇସ୍କୁଲ ୧୦ମ ଶ୍ରେଣୀର ଛାତ୍ର ଶୁଭାଶିଷ ସ୍ୱାଇଁ ୨ୟ ସ୍ଥାନ ଅଧିକାର କରିଛନ୍ତି। ପାରାଦୀପଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଶୁଭାଶିଷ ହାଇଜମ୍ପରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି କେନ୍ଦ୍ରାପଡ଼ା ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ବାଘମାରି ବିବେକାନନ୍ଦ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ବାଦଲ କୁମାର ପରିଡା, କ୍ରୀଡା ଶିକ୍ଷକ ରଘୁନାଥ ସ୍ୱାଇଁ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପକ୍ଷରୁ କୃତୀ ପ୍ରତିଯୋଗୀ ଶୁଭାଶିଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ସଂକ୍ଷେପରେ

## ଲୁନା, ବିଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ

**ବାଲିକୁଦା,୧୦।୨(ସ୍ୱ.ପ୍ର.):** ବାଲିକୁଦା ଥାନା ଫାୟାର ଷ୍ଟେଶନ ଛକରୁ ଗୁରୁବାର ରାତିରେ ଲୁନା ସହ ଚୋରା ବିଦେଶୀ ମଦ ୪.୩୨ ଲିଟର ପୋଲିସ ଜବତ କରିବା ସହ ଅଭିଯୁକ୍ତ ସ୍ଥାନୀୟ ନାଆଦା ଗାଁର ବାପି ମହାନ୍ତିଙ୍କୁ ପୋଲିସ ଗିରଫ କରିଛି। ଆଇଆଇସି ସଲିଳ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମରେ ଏସ୍‌ଆଇ ଅଭୟ ପରିଡା ଗୁରୁବାର ବାଲିକୁଦାର ବିଭିନ୍ନ ଅଞ୍ଚଳରେ ଚୋରାମଦ ବେପାରୀଙ୍କ ଉପରେ ଚଢାଉ କରିଥିଲେ। ରାତି ସାଢେ ୮ରେ ମାଛଗାଁ- କଣିଆ ରାସ୍ତାରେ ପୋଲିସ ପାଟ୍ରୋଲିଂ ସମୟରେ ଫାୟର ଷ୍ଟେଶନ ଛକ ନିକଟରେ ଏକ ଲୁନାରେ ଯାଉଥିବା ଯୁବକଙ୍କୁ ଅଟକାଇ ତନଖି କରିଥିଲେ। ଲୁନାରେ ଚୋରା ମଦ ଚାଲାଣ ହୋଉଥିବା ଜାଣିବାକୁ ପାଇଥିଲେ। ଏ ନେଇ ପୋଲିସ ନଂ. ୬୩/୨୩ ମାମଲା ରୁଜୁ କରିବା ସହ ଶୁକ୍ରବାର ଅଭିଯୁକ୍ତ ବାପିଙ୍କୁ କୋର୍ଟ ଚାଲାଣ କରିଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଡେରାବିଶ,୧୦।୨(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ ବସପୁର ନିକଟସ୍ଥ କେନ୍ଦ୍ରାପଡ଼ା କେନାଲ୍ ପୋଲ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ ଦୁର୍ଘଟଣା ଘଟି ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ବସୁପୁର ପଞ୍ଚାୟତ ଅନ୍ତର୍ଗତ ନରହରିପୁର ଗାଁର ଅଚ୍ୟୁତ ଜେନା (୬୦)। ଅଚ୍ୟୁତ ପୂର୍ବାହ୍ନରେ କରିଲୋପାଟଣାସ୍ଥିତ ତାଙ୍କ ବନ୍ଧୁ ଘରୁ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ ୧୦ ଚକିଆ ଟ୍ରକ୍ ତାଙ୍କ ଉପରକୁ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ଆୟତ୍ତକୁ ଆଣିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିଲା। ଦୁର୍ଘଟଣା ଗ୍ରସ୍ତ ବାଇକ୍ ଓ ଦୁର୍ଘଟଣା ଘଟାଇଥିବା ୧୦ ଚକିଆ ଟ୍ରକ୍‌କୁ ପୋଲିସ ଜବତ କରିଛି। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା।

## ସାମାଜିକ କର୍ମୀଙ୍କ ପରଲୋକ

**ବାଲିକୁଦା,୧୦।୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ମାଛଗାଁ ଅଞ୍ଚଳର ସାମାଜିକ କର୍ମୀ ବିଦ୍ୟାଧର ଦାଶ(୭୪)ଙ୍କ କଟକର ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ପରଲୋକ ହୋଇଛି। ସ୍ୱର୍ଗତ ଦାଶ ସୁକିନ୍ଦା ଶାସନ ଗାଁରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ମୃତଦେହ ମାଛଗାଁ ବଜାରରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ତାଙ୍କ ବାସ ଗୃହକୁ ନିଆଯାଇ ଗ୍ରାମ ଶ୍ମସାନରେ ସଂସ୍କାର କରାଯାଇଥିଲା। ପୁଅ ବ୍ରଜ କିଶୋର ମୁଖାଗ୍ନି ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କର ବିୟୋଗରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପଞ୍ଚାୟତ ସମିତି ଅଧକ୍ଷ ପ୍ରକାଶ ପ୍ରଧାନ, ଜଗତ୍‌ସିଂହପୁର ଜିଲା ସାମ୍ବାଦିକ ସଂଘ ସଭାପତି ମନୋଜ ଦାଶ, ମାଛଗାଁ ସରପଞ୍ଚ ସଞ୍ଜୟ ସ୍ୱାଇଁ,ସମିତି ସଭ୍ୟ ନିଲୁ ଦାସ, ପୂଜ୍ୟପୂଜା ସଂସଦ ସଭାପତି ଅରୁଣ ମହାନ୍ତି, ଶିକ୍ଷକ ନେତା ନିରଞ୍ଜନ ପଣ୍ଡା, ରାଜେନ୍ଦ୍ର ଦାଶ, ଭୋଳାରାମ ମହାନ୍ତି, ନରେନ୍ଦ୍ର ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଦାଶଙ୍କ ବିୟୋଗରେ ମାଛଗାଁ ବଜାର ଗୋଟିଏ ଓଳି ବନ୍ଦ ରହିଥିଲା।

# ଶିଳ୍ପବିହୀନ ଜିଲାରେ କାରଖାନାର ବିଷାକ୍ତ ଧୂଆଁ

**କେନ୍ଦ୍ରାପଡ଼ା ଅଫିସ, ୧୦।୨**

- ଜିଲାବାସୀ ବିଭିନ୍ନ ରୋଗରେ ପ୍ରଭାବିତ ହେଉଛନ୍ତି
- ପ୍ରଦୂଷଣ ଯୋଗୁ ଅଞ୍ଚଳର ପ୍ରାକୃତିକ ପରିବେଶ ନଷ୍ଟ ହେଉଛି
- ସଚେତନତା ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଉନି

ମହାନଦୀର ଗୋଟିଏ ପାର୍ଶ୍ୱରେ କେନ୍ଦ୍ରାପଡ଼ା ଜିଲା ଥିବାବେଳେ ଅପରପାର୍ଶ୍ୱରେ ଜଗତ୍‌ସିଂହପୁର ଜିଲା ଅଛି। କେନ୍ଦ୍ରାପଡ଼ା ଜିଲା ଅଦ୍ୟାବଧି ଶିଳ୍ପବିହୀନ ହୋଇ ରହିଛି। ତେବେ ଅପରପାର୍ଶ୍ୱରେ ଜଗତ୍‌ସିଂହପୁର ଜିଲା ପାରାଦୀପ ଅଞ୍ଚଳରେ ୧୬ରୁ ଊର୍ଦ୍ଧ୍ୱ ବୃହତ ଶିଳ୍ପ ଗଢ଼ି ଉଠିଛି। ଏହି ଶିଳ୍ପ ଅନୁଷ୍ଠାନରୁ ବିଭିନ୍ନ ସମୟରେ ନିର୍ଗତ ବିଷାକ୍ତ ଧୂଳି ଓ ଧୂଆଁ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ଅତିଷ୍ଠ କରୁଛି। ସେହିପରି ଏହି ଅଞ୍ଚଳରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ନଦୀ ନାଳରେ ମିଶି ସ୍ଥାନୀୟ ଜିଲାର ବିଭବ ଭାବେ ପରିଚିତ ଆଦ୍ରଭୂମି ଭିତରକନିକା ସମେତ ପ୍ରାକୃତିକ ପରିବେଶକୁ ନଷ୍ଟ କରୁଛି। ଯାଜପୁର ଓ ଜଗତ୍‌ସିଂହପୁର ଶିଳ୍ପାଞ୍ଚଳକୁ ସଂଯୋଗୀ ରାସ୍ତା କେନ୍ଦ୍ରାପଡ଼ା ଜିଲାରେ ଅଛି। ପ୍ରତିଦିନ ରାସାୟନିକ ପଦାର୍ଥ ଭରା ଭାରିଯାନ ଏହି ରାସ୍ତାରେ ଯାତାୟାତ କରୁଛି। ରାସାୟନିକ ବିପର୍ଯ୍ୟୟ ପ୍ରତି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ସଚେତନ ନୁହନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ପରିବେଶ ପ୍ରଦୂଷଣ ପ୍ରଭାବରେ ହେଉଥିବା ସମସ୍ୟା ସମ୍ପର୍କରେ ମହାକାଳପଡ଼ା ବ୍ଲକ ବଟିଘର ଅଞ୍ଚଳର ପୂର୍ଣ୍ଣିମା ମାଝି, ସୁଦର୍ଶନ ବେରା, ହରିପଦ ବିଶ୍ୱାସ ପ୍ରମୁଖ କୁହିଛନ୍ତି, ଜଗତ୍‌ସିଂହପୁର ଜିଲା ଶିଳ୍ପାଞ୍ଚଳରୁ ନିର୍ଗତ ବିଷାକ୍ତ ଧୂଳି ଓ ଧୂଆଁ ଜୀବନକୁ ଦୁର୍ବିସହ କରିଦେଉଛି। ଶିଳ୍ପାଞ୍ଚଳରୁ ନିର୍ଗତ ଧୂଳି ଓ ଧୂଆଁ ଚର୍ମ ରୋଗଠାରୁ କ୍ୟାନସର ରୋଗ ପର୍ଯ୍ୟନ୍ତ କାରଣ ହୋଇଥିବା ବେଳେ ସ୍ଥାନୀୟ ଫସଲକୁ ନଷ୍ଟ କରୁଛି। ଏହିପରି ଘଟଣା ଶୁକ୍ରବାର ମଧ୍ୟ ଦେଖିବାକୁ ମିଳିଥିଲା। ପାରାଦୀପର ଏକ ଶିଳ୍ପରୁ ଲାଲ୍, ହଳଦିଆ ରଙ୍ଗର ଧୂଳି ଉଡି ଆସି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଖେଳେଇ ହୋଇଯାଇଥିଲା। ଘରବାଡିଠାରୁ ଆରମ୍ଭ କରି ଗଛ ପତ୍ରରେ ଲାଲ, ହଳଦିଆ ରଙ୍ଗର ଠୋପା ଠୋପା ଚିହ୍ନ ଦେଖାଯାଉଛି। ଏହି ଘଟଣା ଅଞ୍ଚଳରେ ନୂଆ ନୁହେଁ। ପ୍ରତ୍ୟହ ଏପରି ଘଟଣା ନଜରକୁ ଆସୁଛି। ଫଳରେ ରୋଗ ସହ ଜୀବନ ଜୀବିକା ନଷ୍ଟ ହେଉଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ, ସମରେନ୍ଦ୍ର ମାହାଳି, ପ୍ରଭୁପ୍ରସାଦ ମହାପାତ୍ର ପ୍ରମୁଖ କହିଛନ୍ତି ଯେ, ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଜାତୀୟ ଉଦ୍ୟାନ ଭିତରକନିକା ପ୍ରତି ବିପଦ ସାଜିଛି। ସେହିପରି ଏହି ବିଷାକ୍ତ ରାସାୟନିକ ପ୍ରଭାବ ସାମୁଦ୍ରିକ ଜଳଜୀବ ସମେତ ନଦୀ ନାଳ ଉପରେ ପ୍ରଭାବ ପକାଉଛି। ଗଛ ସବୁ ପୋଡ଼ି ଯାଉଥିବା ବେଳେ ଫସଲ ଅଧିକ ଅମଳକ୍ଷମ ହେଉନାହିଁ। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟିକୁ ଅଣାଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ବିଭୂତି ଭୂଷଣ କର, ଲକ୍ଷ୍ମୀଧର ସ୍ୱାଇଁ, ପ୍ରମୋଦ କୁମାର ସ୍ୱାଇଁ, ପ୍ରଭାତ କୁମାର ତ୍ରିପାଠୀ ପ୍ରମୁଖ କହିଛନ୍ତି ଯେ, ୨୦୧୯ ଜୁନରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକାରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାସାୟନିକ ଓ ଶିଳ୍ପାନୁଷ୍ଠାନ ଦୁର୍ଘଟଣା ପରି ବିପର୍ଯ୍ୟୟ କ୍ଷେତ୍ରରେ ରାଜ୍ୟ କ୍ରାଇସିସ ମେଣ୍ଟେନାନ୍ସ ଗ୍ରୁପ ତତ୍ପରତାର ସହ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି କ୍ରାଇସିସ ମେଣ୍ଟେନାନ୍ସ ଗ୍ରୁପ ଶିଳ୍ପାଞ୍ଚଳର ଆଖପାଖ ଅଞ୍ଚଳ ସର୍ଭେ କରିବା ସହ ଏହାର ନିରାକରଣ ବ୍ୟବସ୍ଥା କରିବ। ବୈଠକକୁ ଇତିମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାରେ କ୍ରାଇସିସ ମେଣ୍ଟେନାନ୍ସ ଗ୍ରୁପର କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ପାରାଦୀପ ଶିଳ୍ପାଞ୍ଚଳରେ ଶୁକ୍ରବାର ଲାଲ ହଳଦିଆ ଧୂଳି ଉଠିବା ଘଟଣା ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ନାହିଁ। ଏ ନେଇ ଫ୍ୟାକ୍ଟ୍ରି ଆଣ୍ଡ ବ୍ରଏଲର ନିର୍ଦ୍ଦେଶାଳୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି।

# ଏସ୍‌ଏନ୍ କଲେଜ: ଦୁର୍ନୀତିର ତଦନ୍ତ ଦାବିରେ ଗଣଧାରଣା



ଦୁର୍ନୀତିର ତଦନ୍ତ ଦାବିରେ ମହାବିଦ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

**ରାଜକନିକା,୧୦।୨(ଡି.ଏନ୍.ଏ.)**

ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ୨୦୧୨ରୁ୨୦୧୭ ମସିହା ମଧ୍ୟରେ ହୋଇଥିବା ଦୁର୍ନୀତିର ଠିକ୍ ତଦନ୍ତ କରିବା ଦାବିରେ ଶୁକ୍ରବାର ପୁରାତନ ଛାତ୍ରୀଛାତ୍ର, ପୁରାତନ ପରିଚାଳନା କମିଟି ସଭ୍ୟାସଭ୍ୟା, ରାଜକନିକା ବ୍ଲକର ଜନପ୍ରତିନିଧି ଗଣଧାରଣାରେ ବସି ଥିଲେ। ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏହି ଗଣଧାରଣାରେ ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ପ୍ରାକ୍ତନ ସମିତିସଭ୍ୟ ଭରତ ଚନ୍ଦ୍ର ମହାପାତ୍ର, ସରପଞ୍ଚ ଅରୁଣ ରାଉତ, ମନୋରମା ନାୟକ, ସମିତିସଭ୍ୟ ପ୍ରକାଶ ସେନାପତି, ସାମାଜିକ କର୍ମୀ ଭାଗୀରଥି ରାଉତ, ଅମର ସାହୁ, କୈଳାସ ଚନ୍ଦ୍ର ସେଠୀ, ବସନ୍ତ ନାୟକ, ବିକାଶ ମଲ୍ଲିକ, କୁମର ନାୟକ,ନଇମ ଖାଁ, ବିନୋଦ ନାୟକ, ବାସୁଦେବ ମହାନ୍ତି, ଜଗନ୍ନାଥ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ନୀତିର ତଦନ୍ତ କରି ସାର୍ବଜନୀନ କରିବା ସହ ସେହି ସମୟରେ ଥିବା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ।

# ବ୍ରାହ୍ମଣୀ ନଦୀରେ ୨ ଲକ୍ଷ ମାଛ ଯାଆଁଳ ଛଡ଼ାଗଲା

**ପଟ୍ଟାମୁଣ୍ଡାଇ, ୧୦।୨(ସ୍ୱ.ପ୍ର.)**

ଜାତୀୟ ମତ୍ସ୍ୟ ଉନ୍ନୟନ ନିଗମ ଜରିଆରେ କେନ୍ଦ୍ରାପଡ଼ା ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକର ନୀଳକଣ୍ଠପୁର ପଞ୍ଚାୟତ ନିକଟବର୍ତ୍ତୀ ବ୍ରାହ୍ମଣୀ ନଦୀରେ ୨ ଲକ୍ଷ ମାଛ ଜାଆଁଳ ଶୁକ୍ରବାର ଛଡା ଯାଇଛି। ଏ ନେଇ ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ହରପ୍ରିୟା ବେହେରାଙ୍କ ପୌରୋହିତ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ମୁଖ୍ୟ ଅତିଥି, ଅତିରିକ୍ତ ମତ୍ସ୍ୟ ଅଧିକାରୀ ମହମ୍ମଦ ଫିରୋଜ ମୁଖ୍ୟ ବକ୍ତା ଓ ନୀଳକଣ୍ଠପୁର ସରପଞ୍ଚ ଜ୍ଞାନ ରଞ୍ଜନ ଖଣ୍ଡାଇ ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟ ସରକାର ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶ ପାଇଁ ନେଉଥିବା ବିଭିନ୍ନ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଯୋଗ ଦେଇଥିବା ଅତିରିକ୍ତ ମତ୍ସ୍ୟ ଅଧିକାରୀ ଫିରୋଜ ଉନ୍ନତ ମାଛ ଜାଆଁଳ ଛାଡିବାର ଆବଶ୍ୟକତା, ଉଦ୍ଦେଶ୍ୟ ଓ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ବହୁ ମତ୍ସ୍ୟଜୀବୀ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ନୀଳକଣ୍ଠପୁର ଘାଟରେ ରୋହି, ଭାକୁର ଓ ଉନ୍ନତମାନର ୨ଲକ୍ଷ ମାଛ ଯାଆଁଳ ଛଡାଯାଇଛି। ଶେଷରେ ଜୟପ୍ରକାଶ ମହାରଣା ଧନ୍ୟବାଦ ଦେଇଥିଲେ।


ମତ୍ସ୍ୟବିଭାଗ ପକ୍ଷରୁ ବ୍ରହ୍ମଣୀ ନଦୀରେ ମାଛ ଯାଆଁଳ ଛଡା ଯାଉଛି।

# କେନ୍ଦ୍ରାପଡ଼ା ଜିଲାସ୍ତରୀୟ ହାକାଥନ୍



ହାକାଥନ୍ ଉଦ୍‌ଘାଟନ ଉତ୍ସବରେ ଅତିଥିଗଣ।

**ଡେରାବିଶ,୧୦।୨(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ହାକାଥନ୍‌କାର୍ଯ୍ୟକ୍ରମ ଶୁକ୍ରବାର ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ କରି ଜିଲାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ ଉଦ୍‌ଘାଟନ କରିଥିଲେ। ଏଭଳି ଏକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକଶିତ ହୋଇପାରିବ ବୋଲି ସେ କହିଥିଲେ। ଜିଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ଦାସ ଯୋଗଦେଇ ହାକାଥନ୍ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଅଭିବୃଦ୍ଧି କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ବେହେରା, ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ରତ୍ନମଣୀ ମିଶ୍ର ଯୋଗ ଦେଇଥିଲେ। ସେହିପରି ଜିଲା ଶିକ୍ଷାଧିକାରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍ କଲେଜ ଅଧକ୍ଷ ଗୁଣନିଧି ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରାଧାପକ ସେଖ୍ ସମସୁର, ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ପରିଦର୍ଶକ ନିଶିଦ୍ଧ ବାରିକ ଯୋଗ ଦେଇଥିଲେ।

ଏହି ଅବସରରେ ଜିଲାର ୨୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଇଂରାଜି ଓ ଓଡ଼ିଆ ପ୍ରବନ୍ଧ ଲିଖନ, ଇଂରାଜି ଓ ଓଡ଼ିଆ ବକ୍ତୃତା, ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ୨୫ଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ଥାନ ପାଇଥିଲା। ଏଥିରେ ସାଇବର ସିକ୍ୟୁରିଟି, ସ୍ମାର୍ଟ ଏଗ୍ରିକଲଚର, ଡିଜିଟାଲ୍ ଏନର୍ଜି ଉପରେ ପ୍ରକଳ୍ପମାନ ପ୍ରଦର୍ଶିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତରେ ଛାତ୍ରୀଛାତ୍ରମାନେ ସାଇବର ସିକ୍ୟୁରିଟି ଉପରେ ସୁନ୍ଦର ଭାବେ ବକ୍ତବ୍ୟ ରଖିଥିଲେ। ପରେ ଏହି କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ୫ଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନିତ କରାଯିବା ସହ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାକୁ ବିଜ୍ଞାନ ଶିକ୍ଷକ ପ୍ରଣବ କୁମାର ଜେନା, ପୀତବାସ ପଣ୍ଡା, ଶୁଭ୍ରାଂଶୁ ଶେଖର ଦାସ, ସିଆରସିସି ଲଲାଲ କିଶୋର ଭୂୟାଁ, ସୁରଥ କୁମାର ସାହୁ ଓ ରମେଶ ଚନ୍ଦ୍ର ପତି ପ୍ରମୁଖ ପରିଚାଳନା କରିଥିଲେ।

## ଆମ ଗାଁ ଆଦର୍ଶ ସ୍ୱର୍ଗଦ୍ୱାର ଉଦ୍‌ଘାଟିତ


ଜିଲାପାଳ ଅମୃତ ଋତୁରାଜ ଆଦର୍ଶ ସ୍ୱର୍ଗଦ୍ୱାରକୁ ଉଦ୍‌ଘାଟନ କରୁଛନ୍ତି।

**ପାଟକୁରା,୧୦।୨ (ଡି.ଏନ.ଏ.)**

ଗରଦପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ଭାଟପଡ଼ାରେ ନିର୍ମିତ ଆମ ଗାଁ ଆଦର୍ଶ ସ୍ୱର୍ଗଦ୍ୱାରକୁ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଭାଟପଡ଼ା ଭଳି ଗ୍ରାମାଞ୍ଚଳରେ ନିର୍ମିତ ହୋଇଥିବା ଆଦର୍ଶ ସ୍ୱର୍ଗଦ୍ୱାର ଜିଲା ପାଇଁ ନମୁନା ଭାବେ କାର୍ଯ୍ୟ କରିବ ବୋଲି ଜିଲାପାଳ ଋତୁରାଜ ମତବ୍ୟକ୍ତ କରିଥିଲେ। ମଣିଷର ଶେଷ ଯାତ୍ରା ସ୍ୱର୍ଗଦ୍ୱାରକୁ ହୋଇଥିବାରୁ ଏହା ଏକ ପବିତ୍ର ସ୍ଥାନ ଭାବେ ବିବେଚନା କରାଯାଏ। ଏଣୁ ସ୍ୱର୍ଗଦ୍ୱାରର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାର ବିଭିନ୍ନ ଅଞ୍ଚଳରେ ଏଭଳି ସ୍ୱର୍ଗଦ୍ୱାର ନିର୍ମାଣ କରାଯିବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଆୟୋଜିତ ଉଦ୍‌ଘାଟନୀ ସଭାରେ ଗରଦପୁର ବ୍ଲକ ଚେୟାରମ୍ୟାନ ଅଭୟ ମହାରାଜ ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ଅନୁସୟା ବେହେରା, ବିଡିଓ ଧର୍ମରଞ୍ଜନ ପଣ୍ଡା, ଜିଲାପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ, ସରପଞ୍ଚ ପ୍ରଭାତ ନଳିନୀ ଜେନା, ସାଂସଦଙ୍କ ପ୍ରତିନିଧି ଜୟପ୍ରକାଶ ବାରିକ, ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ବାସୁଦେବ ବେହେରା, ବ୍ରଜକିଶୋର ସାହୁ, କାବେରୀ ମଲିକ, ସରପଞ୍ଚ ସନ୍ତୋଷ ମାହାଳିଙ୍କ ସମେତ ବିଭିନ୍ନ ପଞ୍ଚାୟତର ପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ।

## ଜଗବନ୍ଧୁ ମିଶ୍ର ମେମୋରିଆଲ କ୍ରିକେଟ୍ : ସେମିରେ ଚାନ୍ଦବାଲି

**ଆଳି,୧୦।୨(ଡି.ଏନ.ଏ.)**

ଆଳି ହାଇସ୍କୁଲ ଷ୍ଟାଡିୟମ୍‌ରେ ଅଷ୍ଟମ ଜଗବନ୍ଧୁ ମିଶ୍ର ମେମୋରିଆଲ ଟ୍ରଫି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ପଣ୍ଡିତ ମହେଶ୍ୱର ନନ୍ଦ, ପୂର୍ବତନ ଶିକ୍ଷକ କିଶୋରଭାନୁ ଷଡ଼ଙ୍ଗୀ, ସାମାଜିକ କର୍ମୀ ଭକ୍ତବନ୍ଧୁ ମିଶ୍ର ଓ କରୁଣାକର ତ୍ରିପାଠୀ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପରେ ସିଟି କ୍ଲବ ଚାନ୍ଦବାଲି ଓ ବିଏସିସି ଡାଳିକାଏନ୍ଦା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଚାନ୍ଦବାଲି ଦଳ ଟସ୍ ଜିତି ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୨୩ ରନ କରିଥିଲା। ଜବାବରେ ଡାଳିକାଏନ୍ଦା ୨୦ ଓଭରରେ ୮ ଉଇକେଟ ହରାଇ ୧୧୩ ରନ କରି ପରାଜୟ ହୋଇଥିଲା। ବିଜୟୀ ହୋଇ ଚାନ୍ଦବାଲି ସେମିରେ ପ୍ରବେଶ କରିଥିଲା। ଅମ୍ପାୟର ଭାବେ ନିରଞ୍ଜନ ଷଡ଼ଙ୍ଗୀ ଓ ବିଶ୍ୱଜିତ ଅଧିକାରୀ ଖେଳ ପରିଚାଳନା କରିଥିବା ବେଳେ ବିବି ମଲିକ ସ୍କୋରର ଭାବେ ଦାୟିତ୍ୱ ନିଭାଇଥିଲେ। ରବୀନ୍ଦ୍ର ମହାନ୍ତି, ଶୁକଦେବ ଗୋଛାୟତ, ଅଭିଜିତ ନନ୍ଦ ଓ ନୀତିଶ ନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଆଇପିଟି ଗାଡ଼ି ମେରାଇନ ରାସ୍ତାରେ ଫିଟ୍‌ନେସ୍

**ପାରାଦୀପ,୧୦।୨(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଆଇପିଟି (ଇଣ୍ଟ୍ରା ପୋର୍ଟ ଟ୍ରାନ୍ସପୋର୍ଟ)ରେ ନିୟୋଜିତ ଭାରିଯାନଗୁଡିକ ପ୍ରତିବର୍ଷ ଫେବୃୟାରୀ ମାସରେ ସମୁଦ୍ର କୂଳ ରାସ୍ତା (ମେରାଇନ ଡ୍ରାଇଭ ରୋଡ)କୁ ଆସିଥାନ୍ତି। କାରଣ ସେଗୁଡିକ ବାର୍ଷିକ ଗେଟ ପାଶ ପାଇଁ ଫିଟନେସ ଦରକାର ପଡିଥାଏ। ସେହି ଫିଟନେସ ସାର୍ଟିଫିକେଟ କରିବାକୁ ଏମ୍‌ଭିଆଇ ଅଫିସ କର୍ମଚାରୀ ଓ ଡମ୍ଫର ମାଲିକ ସଂଘ କର୍ମକର୍ତ୍ତାମାନେ ମିଳିତ ଭାବେ ଉକ୍ତ ରାସ୍ତାରେ ଶୁକ୍ରବାର ଫିଟନେସ୍ କରିବାକୁ ଲାଇନରେ ଗାଡି ଛିଡା କରିଛନ୍ତି।


ଫିଟ୍‌ନେସ୍ ଟେଷ୍ଟ ପାଇଁ ମେରାଇନ ଡ୍ରାଇଭ ରାସ୍ତାରେ ଗାଡିଗୁଡିକ ରଖାଯାଇଛି।

# ଆବାସ ତାଲିକା ବିଭ୍ରାଟ ପ୍ରତିବାଦରେ ବ୍ଲକ ଘେରାଉ

**ରାଜକନିକା,୧୦।୨ (ଡି.ଏନ.ଏ.)**


ଭାଜପା ନେତା ଓ କର୍ମୀମାନେ ବ୍ଲକ ଘେରଉ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ତାଲିକାରୁ ଗରିବ ଓ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିବା, ଧନୀକ ଶ୍ରେଣୀ ଓ ବହୁବାର ଆବାସ ଯୋଜନା ହିତାଧିକାରୀମାନେ ତାଲିକାଭୁକ୍ତ ହୋଇଛନ୍ତି। ଏଭଳି ଅନିୟମିତତାକୁ ନେଇ ଗାଁରେ ଅସନ୍ତୋଷ କୁହୁଳୁବାରେ ଲାଗିଛି। ଏହାର ସଂଶୋଧନ ଦାବି କରି ଶୁକ୍ରବାର ଭାଜପା ପକ୍ଷରୁ ଆଳିର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ରାଜକନିକା ବ୍ଲକ ଘେରାଉ କରିଥିଲେ। ଏଥିରେ ଭାଜପା ନେତା ତଥା ପୂର୍ବତନ ବିଧାୟକ ନାୟକଙ୍କ ନେତୃତ୍ୱ ଓ ପ୍ରାଧାପକ ବୈକୁଣ୍ଠନାଥ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ବିକ୍ଷୋଭରେ ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜସୁନ୍ଦର ଭୂୟାଁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ଆଶାଲତା ପଟ୍ଟନାୟକ, ରଶ୍ମିରଞ୍ଜନ ବେହୁରା, ନିହାର ରଞ୍ଜନ ନାୟକ, ରାଜେନ୍ଦ୍ର ବେହେରା, ଅନୁରାଧା ସାମଲ, ଶଶାଙ୍କ ଶେଖର ସେଠୀ ଓ ନିହାର ରଞ୍ଜନ ସ୍ୱାଇଁଙ୍କ ସମେତ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ। ସେମାନେ ମେଳନ ପଡିଆରୁ ଶୋଭାଯାତ୍ରାରେ ବାହାରି ରାଜକନିକା ସଦର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ପାଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜକନିକା ବିଡିଓଙ୍କ ଅନୁପସ୍ଥିତିରେ ଆକାଉଣ୍ଟସ ଅଫିସର ଦେବେନ୍ଦ୍ର ନାଥ ସିଂଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# କରତକଳକୁ ଗ୍ରାମବାସୀଙ୍କ ବିରୋଧ, ଅଦାଲତରେ ମାମଲା

**ବାଲିଆ,୧୦।୨ (ସ୍ୱ.ପ୍ର.)**

**ଫେବୃୟାରୀ ୧୬ ପର୍ଯ୍ୟନ୍ତ କରତକଳର କାମ ବନ୍ଦ**

ବିରିଡି ବ୍ଲକ ବଡଖଣ୍ଡେଇତା ପଞ୍ଚାୟତର ତେନ୍ତୁଳିଆଠାରେ ବ୍ଲକସ୍ତରୀୟ କରତକଳ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପରେ ଏଠାରେ ହିଁ କରତ କଳ ହେବ ବୋଲି ଗତବର୍ଷ ଜିଲାପାଳଙ୍କ୨ ନିର୍ଦ୍ଦେଶକ୍ରମେ ତହସିଲଦାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ଓ ଚିହ୍ନଟ ପ୍ରକ୍ରିୟା କରାଯାଇଥିଲା। ପରେ ଜବରଦଖଲ ଉଚ୍ଛେଦ କରି ସରକାରୀ ଜମି ଚିହ୍ନଟ କରାଯାଇଥିଲା। ତେବେ ଏଠାରେ କରତକଳକୁ ସ୍ଥାନୀୟ ତେନ୍ତୁଳିଆ ଗ୍ରାମବାସୀ ବିରୋଧ କରିଥିଲେ। ଏଠାରେ କରତ କଳ ହେଲେ ଏହି ସ୍ଥାନ ସବୁବେଳେ ଭିଡ ରହିବ। କାଠ ଗୁଣ୍ଡ ଉଡି ବାୟୁ ପ୍ରଦୂଷିତ ହେବ। ଏଠାରେ ଏକ ଅଙ୍ଗନବାଡି କେନ୍ଦ୍ର ଅଛି। ଏହି କୁନି କୁନି ପିଲାଙ୍କ ଯାତାୟାତରେ ବାଧା ସୃଷ୍ଟି ହେବ। ଗ୍ରାମ ଶ୍ମସାନ ଘାଟ, ଚାଷ ଜମିକୁ ଟ୍ରାକ୍ଟର ନେଇ ହଳ ଯିବା ସମସ୍ୟା ଉପୁଜିବା ସହ ଗୋରୁ ଚରିବାକୁ ଏଠାରେ ଆବଶ୍ୟକ ମୁତାବକ ଗୋଚର ଜମି ନ ଥିବାରୁ ସମସ୍ୟା ହେବ। ଏହି ସବୁ ସମସ୍ୟା ନେଇ ଗ୍ରାମବାସୀ ଜିଲାପାଳ ଓ ତହସିଲଦାରଙ୍କୁ ଲିଖିତ ଦାବିପତ୍ର ଜଣାଇଥିଲେ। ହେଲେ ଅଞ୍ଚଳବାସୀଙ୍କ ସମସ୍ୟା ପ୍ରତି ପ୍ରଶାସନ ଧ୍ୟାନ ଦେଲେ ନାହିଁ। ଫଳରେ ଏହି ସ୍ଥାନରେ ୬ଟି କରତକଳ ପାଇଁ ଅନୁମତି ମିଳିଲା। ପରେ ଗୋଟିଏ କରତ କଳ କାମ ସରି ଜାନୁୟାରୀ ୨୬ରେ କାଠ ଚିରଟ କରାଗଲା। ଚିହ୍ନଟ ହୋଇଥିବା ଜମି ଚତୁଃପାର୍ଶ୍ୱକୁ ଇଡ୍‌କୋ ପକ୍ଷରୁ ପାଚେରି ନିର୍ମାଣ କାମ ଚାଲୁ ରଖିଛି। ଅଞ୍ଚଳବାସୀଙ୍କ ସମସ୍ୟା ପ୍ରତି ବିଚାର କରା ନ ଯିବାରୁ ଗ୍ରାମବାସୀ ଏ ସଂକ୍ରାନ୍ତରେ ଉଚ୍ଚ ଅଦାଲତରେ ଏକ ମାମଲା ରୁଜୁ କରିବା ସହ ଜିଲାପାଳଙ୍କ ଅଦାଲତରେ ମାମଲା ଦାଏର କରିଛନ୍ତି। ଫେବୃୟାରୀ ୮ରେ କରତ କଳ ବନ୍ଦ ପାଇଁ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ଗୁରୁବାର ବିରିଡି ତହସିଲଦାର ସହଦେବ ସାହୁ, ବିରିଡି ଥାନାଧିକାରୀ ନିରଞ୍ଜନ ମଲ୍ଲିକ ଚାଲୁଥିବା କରତକଳକୁ ଫେବୃୟାରୀ ୧୬ରେ ଜିଲାପାଳ ଜନଶୁଣାଣି ପର୍ଯ୍ୟନ୍ତ ବନ୍ଦ କରିବାକୁ ନୋଟିସ୍ କରିଥିବା ଜଣାପଡିଛି।



କରତକଳକୁ ବିରୋଧରେ ଏକାଠି ହୋଇଥିବା ତେନ୍ତୁଳିଆ ଗ୍ରାମବାସୀ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ରାଷ୍ଟ୍ରୀୟ ଲୋକ ଅଦାଲତ। ସ୍ଥାନ-ବ୍ରହ୍ମପୁର ଜିଲା କୋର୍ଟ, ସମୟ-ପୂର୍ବାହ୍ନ ୧୦ଟା ୩୦।
- ରୁବି ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠା ଦିବସ। ସ୍ଥାନ-ଗୋବିନ୍ଦ ବିହାର, ସମୟ-ଅପରାହ୍ନ ୪ଟା।

## ସଂକ୍ଷେପରେ

### ଜାତୀୟ କୃମିନାଶକ ଦିବସ ପାଳିତ

ଗଞ୍ଜାମ/ବୁଗୁଡ଼ା,୧୦।୨(ଡି.ଏନ.ଏ.)- ଗଞ୍ଜାମ ଅନ୍ତର୍ଗତ ହୁମ୍ମା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଛି। ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ୧ରୁ ୧୯ ବର୍ଷ ବୟସର ପିଲାମାନଙ୍କୁ କୃମି ନାଶକ ଔଷଧ ବଣ୍ଟନ କରାଯାଇଥିଲା। ଆସନ୍ତା ୧୭ ତାରିଖରେ ପୁଣି ଔଷଧ ବଣ୍ଟନ କାର୍ଯ୍ୟକ୍ରମ ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ ଅତିଥି ଭାବେ ଯୋଗଦେଇଥିବା ବେଳେ ସିଡିପିଓ ସଲୀଳା ପ୍ରଧାନ, ପିଏସଇଓ ସଂଯୁକ୍ତାରାଣୀ ଜେନା, ବିପିଏମ ସରୋଜ କୁମାର ମହାନ୍ତି, ହୁମ୍ମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ସସ୍ମିତା ପୃଷ୍ଟି ପ୍ରମୁଖଙ୍କ ସହ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଲିଆ ଅଙ୍ଗନୱାଡି ଦ୍ୱିତୀୟ କେନ୍ଦ୍ରରେ ଶୁକ୍ରବାର ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କର୍ମୀ ଗୋଲାପ ପ୍ରଧାନ, ଏଏନ୍ଏମ୍ ରେଶ୍ମାରାଣୀ ସ୍ୱାଇଁ, ଆଶା କର୍ମୀ ସରୋଜିନୀ ଓଝା ପ୍ରମୁଖ ଉପସ୍ଥିତ ରହି ଶିଶୁ ମାନଙ୍କଠାରେ ଦେଖା ଦେଉଥିବା ପୁଷ୍ଟିହୀନତା, ରକ୍ତ ହୀନତା ଯୋଗୁ ଶରୀର ଦୁର୍ବଳତାରୁ ରକ୍ଷା ପାଇବା ପାଇଁ କୃମି ନାଶକ ଔଷଧ ସେବନ ଏବଂ ଭିଟାମିନ ଏ ଖୁଆଇବା ଏକାନ୍ତ ଆବଶ୍ୟକ ହୋଇ ପଡିଥିବା ଆଲୋଚନା କରିଥିଲେ। ଏଥି ସହ ଉକ୍ତ କେନ୍ଦ୍ରର ୪୨ ଶିଶୁଙ୍କୁ କୃମି ନାଶକ ଔଷଧ ଓ ଭିଟାମିନ ଏ ଖୁଆଯାଇଥିଲା। ଏହି ଅବସରରେ କିଶୋରୀ ବାଳିକାମାନଙ୍କୁ ମଧ କୃମି ନାଶକ ଔଷଧ ଦିଆଯାଇଥିଲା।

### କିମ୍ବଦନ୍ତୀ ପୁରୁଷ ବସୁ ପ୍ରହରାଜଙ୍କ ଜୟନ୍ତୀ

ପୁରୁଷୋତ୍ତମପୁର,୧୦।୨(ଡି.ଏନ.ଏ.)- କିମ୍ବଦନ୍ତୀ ପୁରୁଷ ବସୁ ପ୍ରହରାଜଙ୍କ ୩୨୯ ତମ ଜୟନ୍ତୀ ଶୁକ୍ରବାର ବସୁ ପ୍ରହରାଜ ସଂସ୍କୃତ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ପଣ୍ଡିତ ମୋଚିରାମ ଦାଶଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମପୁର ହିନ୍ଦୀ ପ୍ରଚାର ସଭାରେ କୁଳ ସଚିବ ପ୍ରଫୁଲ୍ଲ କୁମାର ରଥ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ନଳିନୀକାନ୍ତ ମିଶ୍ର ଯୋଗଦେଇ ବସୁ ପ୍ରହରାଜଙ୍କ ଜୀବନୀ, ତାରାତାରିଣୀଙ୍କ ପିତା, ବାରଶହ ଭରଣ ଜିରା ଫୁଟଣ ଯଜ୍ଞ ଓ ସଂସ୍କୃତ ପୁସ୍ତକର ରଚିତା ଆଦି ବିଭିନ୍ନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଏ ରାଜୁଗୋପାଳ ରାଓ, ଲଡୁକିଶୋର ସାହୁ ଯୋଗଦେଇ ବସୁଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ।

# ଏୟାରଷ୍ଟ୍ରିପ୍ ସମ୍ପ୍ରସାରଣ ତଦାରଖ କଲେ ଜିଲାପାଳ

ଗୋପାଳପୁର,୧୦।୨(ଡି.ଏନ.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟରେ ଥିବା ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରୁ ବିମାନ ଚଳାଚଳ ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଥିଲା। ଏନେଇ ଶୁକ୍ରବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଏୟାରଷ୍ଟ୍ରିପ ସମ୍ପ୍ରସାରଣ କାର୍ଯ୍ୟ ତଦାରଖ କରିଛନ୍ତି। ବର୍ତ୍ତମାନ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ ୯୭୫ ମିଟର ଲମ୍ବା, ଓସାର ୧୫୦ ମିଟର, ରନୱେ ୭୫୦ ମିଟର ରହିଥିବା ହେତୁ ବିମାନ ଉଡ଼ାଣରେ ବାଧା ସୃଷ୍ଟି ହେଉଥିବାରୁ ସଂପ୍ରସାରଣ ନିମନ୍ତେ ବେସରକାରୀ ଓ ସରକାରୀ ଜମି ଚିହ୍ନଟ କରାଯାଇଥିଲା। ସଂପ୍ରସାରଣ ପାଇଁ ଆବଶ୍ୟକ ରହିଥିବା ପାଚେରୀ ଠାରୁ ହଷ୍ଟେଲ ପଟେ ପ୍ରାୟ ୯୦ ମିଟର, ପାଚେରୀ ଠାରୁ ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ପଟେ ପ୍ରାୟ ୪୦ ମିଟର, ବ୍ରହ୍ମପୁରଠାରୁ ମୁଖ୍ୟ ରାସ୍ତା ପଟେ ପାଚେରୀ ଠାରୁ ପ୍ରାୟ ୨୫୦ ମିଟର ଲମ୍ବା, ମୋନାର୍କ ଛକ ପାଚେରୀ ଠାରୁ ପ୍ରାୟ ୩୦ ମିଟର ଲମ୍ବା ସଂପ୍ରସାରଣ କରାଯିବ। ବିଶ୍ୱବିଦ୍ୟାଳୟର ପ୍ରାୟ ୧୫ ଏକର ଜମି ଦରକାର ପଡୁଥିବାରୁ ଉଚ୍ଚଶିକ୍ଷା ବିଭାଗକୁ ଚିଠି କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗ ଏ ନେଇ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଜମି ଚିହ୍ନଟ କରି ଚିଠି କରିଛନ୍ତି। ଜିଲାପାଳଙ୍କ ସହ ଯୋଗାଯୋଗ ବେଳେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପକୁ ଉନ୍ନତମାନର ପ୍ରସ୍ତୁତି କରାଯିବ, ତାହାସହ ଟେଣ୍ଡର ପ୍ରକ୍ରିୟା ସରିଛି, ରହିଥିବା ଟେକନିକାଲ ସ୍ଥିତିକୁ ସର୍ଭେ କରିବା ପାଇଁ ଆଲୋଚନା କରାଯାଇଛି। ଶୀଘ୍ର କାମ ସରିବା ପରେ ସରକାର ଉଡ଼ାଣ ପାଇଁ ନିଷ୍ପତି ନେବେ ବୋଲି କହିଛନ୍ତି। ଜିଲାପାଳଙ୍କ ସମେତ ବ୍ରହପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜମି ଅଧିଗ୍ରହଣ ଅଧିକାରୀ ଉମାକାନ୍ତ ବାରିକ, ଡ଼ିଏଫଓ ଅମ୍ଲାନ ନାୟକ, ପୂର୍ତ୍ତ ବିଭାଗର ଏସ୍ଇ ତପନ ପାଣିଗ୍ରାହୀ, ଇଣ୍ଡିଆ ୱାନ ଏୟାରପୋର୍ଟ ଅଧିକାରୀ ରାହୁଲ କୁମାର, ଏନସିସି ଗ୍ରୁପ କମାଣ୍ଡେଣ୍ଟ ସଚିନ ଗୁପ୍ତା, ଇଂ ନିର୍ମଳ ନାୟକ, ଏଇ ଚିନ୍ମୟ ତ୍ରିପାଠୀ, ଜେଇ ଲକ୍ଷ୍ମଣ ମାରାଣ୍ଡି, କନିସି ଆଡିସିନାଲ ତସିଲଦାର କୁଲଦିପ କୁମାର, କରାପଲ୍ଲୀ ଆରଆଇ ନିରାକାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ପ୍ରସାରଣ ପାଇଁ ତଦାରଖ କରୁଛନ୍ତି ଜିଲାପାଳ।

### ଫେରାର ଅଭିଯୁକ୍ତ ଗିରଫ

ଗୋପାଳପୁର,୧୦।୨(ଡି.ଏନ.ଏ.)

ଏକ ପରିବାରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଓ ଦୁଇ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଗୋଳନ୍ଥରା ଥାନା ପୋଲିସ ଶୁକ୍ରବାର ଫେରାର ଥିବା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ହଳଦିଆପଦର ଗ୍ରାମର ସୁମନ ଦାସ(୧୮)। ସେ ଗ୍ରାମରେ ଥିବା ବେଳେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ବେଳେ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି। ସୂଚନାନୁସାରେ, ଏହି ଥାନା ଅନ୍ତର୍ଗତ କନିଷି ହାଟ ଗ୍ରାମର କେନାଲ ସାହି ନିକଟରେ ସୁଜାତା ପାତ୍ର ଓ ତାଙ୍କ ଝିଅଙ୍କୁ ଅସଦାଚରଣ କରିବା ସହ ତାଙ୍କ ଦୁଇ ପୁଅଙ୍କୁ ଘରୁ ଟାଣି ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସୁଜାତା ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ଏହି ମାମଲାରେ ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ବେଗୁନିଆପଡ଼ା,୧୦।୨

### ପିସ୍ତଲ ଓ ବୋମା ଜବତ



ଗିରଫ ଅଭିଯୁକ୍ତ ସହ ଜବତ ପିସ୍ତଲ, ବୋମା।

କୋଦଳା ପୋଲିସ ଗୁରୁବାର ରାତିରେ ଏକ ବଡ଼ଧରଣର ଡକାୟତି ଉଦ୍ୟମ ଚାଲିଥିବା ବେଳେ ଯୋଜନାକୁ ପଣ୍ଡ କରିଛି। ଏଥିରେ ସମ୍ପୃକ୍ତ ଥିବା ୫ ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କୋଦଳାର ବିକ୍ରମ ସାହୁ, ଯାହାଙ୍କ ନାମରେ ପୂର୍ବରୁ କୋଦଳା ଥାନାରେ ୬ଟି ଓ ପୋଲସରା ଥାନାରେ ୩ଟି ମାମଲା ରହିଛି। ସେହିପରି ପୋଲସରା ପାଟଣା ପଦର ସାହିର ଯଜ୍ଞ ପ୍ରଧାନଙ୍କ ନାମରେ ପୋଲସରା ଥାନାରେ ୬ଟି ମାମଲା ଥିବାବେଳେ ପାତ୍ରପୁର ଓ ହିଞ୍ଜିଳିରେ ଗୋଟିଏ ଲେଖାଏ ମାମାଲା ଥିବା ସୂଚନା ମିଳିଛି। ଜେଛନିଆର ଉତ୍ତମ ବିଶ୍ୱାଳଙ୍କ ନାଁରେ କୋଦଳା ଓ ପୋଲସରା ଥାନାରେ ୨ ମାମଲା ଥିବାବେଳେ ରେଙ୍ଗିଡିପଲୀର ନାରାୟଣ ପ୍ରଧାନଙ୍କ ନାମରେ କୋଦଳା ଥାନାରେ ଗୋଟିଏ ଓ କୋଦଳା ପାଣ୍ଡି ସାହିର ବବୁଲ୍ ଗୌଡ଼ଙ୍କ ନାମରେ କୋଦଳା ଥାନାରେ ଗୋଟିଏ ମାମଲା ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସମସ୍ତ ଅଭିଯୁକ୍ତଙ୍କଠାରୁ ବୋମା, ପିସ୍ତଲ, ୩ ବାଇକ୍, ମୋବାଇଲ, ଲୁଟ୍ ପାଇଁ ବ୍ୟବହୃତ ସାମଗ୍ରୀ, ଲଙ୍କାଗୁଣ୍ଡ, ମଦ ଓ ସିଗାରେଟ୍ ମଧ୍ୟ ଜବତ କରିଛି ପୋଲିସ। ଡକାୟତି ଯୋଜନା ଚାଲିଥିବା ନେଇ କୌଣସି ସୂତ୍ରରୁ କୋଦଳା ପୋଲିସ ଖବର ପାଇଥିବା ବେଳେ ତୁରନ୍ତ ପୋଲିସ ଟିମ୍ ପହଞ୍ଚି ଏମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

### ଚାରା ଉଦ୍ୟାନ ପରିଦର୍ଶନ କଲେ ଡିଏଫ୍ଓ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୦।୨

ଫିରିଙ୍ଗିଆ ବ୍ଲକ ତଣ୍ଡିରୀ ଗାଁ କେନ୍ଦ୍ରୀୟ ଚାରା ଉଦ୍ୟାନ ପରିଦର୍ଶନ ସହ ନୂତନ ନିର୍ମିତ ଗେଟକୁ ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ ଉଦ୍‌ଘାଟନ କରିଛନ୍ତି। ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଏହି ଚାରା ଉଦ୍ୟାନ ବନ ବିଭାଗ ଦ୍ୱାରା ନିର୍ମାଣ ହୋଇଥିଲା। ଏବେ ଏହାର ସୌନ୍ଦର୍ଯ୍ୟ କରଣ ଓ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିଦର୍ଶନ ଓ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସିଏଫ ମଳୟ ରଞ୍ଜନ କାଲୋ, ବନପାଳ ସରୋଜ କୁମାର ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି ବୃନ୍ଦ।

ଭାପୁର,୧୦।୨(ଡି.ଏନ୍.ଏ.)

ଭାପୁର ବ୍ଲକ ଅଧୀନ ପଦ୍ମାବତୀ ବଳରାମ ତ୍ରିପାଠୀ ମେମୋରିଆଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରିଣୀ ମନୋରମା ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ନାରାୟଣ ତ୍ରିପାଠୀ, ନଟବର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଦାଶ, ପ୍ରତିଷ୍ଠାତା ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ବିଦ୍ୟାଳୟର ଶିକ୍ଷକ ପଠାଣି ଦାସ ପ୍ରମୁଖ ମଞ୍ଚାସୀନ ରହିବା ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ ।

### ମହାଶିବରାତ୍ରି ପାଇଁ ପ୍ରସ୍ତୁତି

ଶରଣକୁଳ,୧୦।୨(ଡି.ଏନ.ଏ.)

ମହାଶିବରାତ୍ରୀ ତଥା ଜାଗର ପାଇଁ ପ୍ରସିଦ୍ଧ ଶୈବକ୍ଷେତ୍ର ଲଡୁବାବାଙ୍କ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଏହି ଜନସମାଗମକୁ ଦୃଷ୍ଟିରେ ରଖି ଶରଣକୁଳ ସମାଜ କଲ୍ୟାଣ ସଙ୍ଗଠନ ଆଶ୍ରୟ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବାଉଁଶିଆସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ମହାଶିବରାତ୍ରି ପରଦିନ ମନ୍ଦିର ବେଢ଼ା ଚତୁଃପାର୍ଶ୍ୱ, ମନ୍ଦିର ପୁଷ୍କରିଣୀ ଚତୁଃପାର୍ଶ୍ୱ, ଶରଣକୁଳର ଗଳିକନ୍ଦି, ବଜାର ଆଦି ପରିଷ୍କାର ପରିଛନ୍ନ କରାଯିବ । ଆଜକୁ ୩୨ବର୍ଷ ହେଲା ଆଶ୍ରୟ ସଭ୍ୟମାନଙ୍କ ଦ୍ୱାରା ଏହି କାର୍ଯ୍ୟ ହୋଇ ଆସୁଛି । ଏହି ପ୍ରସ୍ତୁତି ବୈଠକ ଆଶ୍ରୟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଲୋକନାଥ ଦାଶ ସଭାପତିତ୍ୱ କରିଥିଲେ । ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ଗ୍ରାମ ଯୁବକ ସଂଘର ସଭ୍ୟଙ୍କ ସହ ବୁଦ୍ଧିଜିବୀ ଏବଂ ଆଶ୍ରୟର ସମସ୍ତ ସଭ୍ୟ ଯୋଗଦେଇଥିଲେ । ଜାଗର ପରଦିନ ସକାଳ ୫ଟାରୁ ଦିବା ୧୧ଘଟିକା ପର୍ଯ୍ୟନ୍ତ ଏହି ସଫେଇ କାର୍ଯ୍ୟ ଚାଲୁ ରହିବ । ୨୬ରେ ସମସ୍ତ ସ୍ୱେଚ୍ଛାସେବୀ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଶରଣକୁଳ ନିକଟବର୍ତ୍ତୀ କଇଁତେଇଠାରେ ଅନୁଷ୍ଠିତ ହେବ ବୋଲି ନିର୍ଦ୍ଦେଶକ ଦାଶ ପ୍ରକାଶ କରିଛନ୍ତି ।

# ଆରମ୍ଭ ହେଲା ଫାଇଲେରିଆ ମୁକ୍ତ ଔଷଧ ସେବନ କାର୍ଯ୍ୟକ୍ରମ

ଫୁଲବାଣୀ ଅଫିସ,୧୦।୨



ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ବଟିକା ସେବନ କରୁଛନ୍ତି।

ଫାଇଲେରିଆ ମୁକ୍ତ କନ୍ଧମାଳ ପାଇଁ ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। ଏଥିସହ ସ୍ୱତନ୍ତ୍ର ଟିକାକରଣର ମଧ ଶୁଭାରମ୍ଭ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଜିଏନ୍ଏମ୍ ତାଲିମ ସମ୍ମିଳନୀ କକ୍ଷରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ଯୋଗଦେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ୧ ରୁ ୨ ବର୍ଷ ମଧ୍ୟରେ ଥିବା ପ୍ରତ୍ୟେକ ଶିଶୁଙ୍କୁ ଆଲବେଣ୍ଡାଜଲ୍‌ର ୫ମିଲି ମାତ୍ରା, ସେହି ସମୟ ସୀମା ମଧ୍ୟରେ ୧ ରୁ ୫ ବର୍ଷ ମଧ୍ୟରେ ଥିବା ପ୍ରତ୍ୟେକ ପିଲାଙ୍କୁ ଭିଟାମିନ୍ ଏ ସଲ୍ୟୁସନ୍ ମଧ୍ୟ ପ୍ରଦାନ କରାଯିବ। ସେହିପରି ୨ରୁ ୫ ବର୍ଷ, ୬ରୁ ୧୪ ବର୍ଷ ଏବଂ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ନାଗରିକଙ୍କୁ ଡିଇସି ଓ ଆଲବେଣ୍ଡାଜଲ୍ ବଟିକା ଦିଆଯିବ। ସେହିପରି ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମରେ ଜନ୍ମରୁ ୨ ବର୍ଷ ମଧ୍ୟରେ ଯେଉଁ ପିଲାମାନେ ୧୨ ରୋଗ ବିପକ୍ଷରେ ଟିକା ନେଇ ନ ଥିବେ, ସେହି ପିଲାମାନଙ୍କୁ ଘରକୁ ଘର ବୁଲି ତାଙ୍କର ମା' ଓ ଶିଶୁ ସୁରକ୍ଷା କାର୍ଡ ଦେଖି ଟିକାକରଣ କରାଯିବ। ଏତଦ୍ ବ୍ୟତୀତ ଗର୍ଭବତୀ ମହିଳା ଏବଂ ୧୦ ବର୍ଷ ଓ ୧୬ ବର୍ଷର ପିଲାମାନଙ୍କୁ ଟିଟାନସ୍ ଓ କଣ୍ଠ ଅଳତି ରୋଗ ବିପକ୍ଷରେ ମଧ୍ୟ ଟିକାକରଣ କରାଯିବା କାର୍ଯ୍ୟକ୍ରମ ରହିଛି।

ଏସବୁ କାର୍ଯ୍ୟ ପରିଚାଳନା ପାଇଁ ୩୨୮୮ଜଣ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର ଔଷଧ, ଅନ୍ୟ ସାମଗ୍ରୀ, ରିପୋର୍ଟ ଫର୍ମ, ମାଇକ୍ରୋ ପ୍ଲାନ୍ ଧରି ଘରକୁ ଘର ଯିବେ। ଘରର ସମସ୍ତ ସଦସ୍ୟଙ୍କୁ ଡାକି ବୟସ ଅନୁସାରେ ସିରପ୍ କିମ୍ବା ଡିଇସି ଓ ଆଲବେଣ୍ଡାଜଲ୍ ବଟିକା ସେବନ କରାଇବେ। ନିଜ ସାମ୍ନାରେ ଔଷଧ ଖୁଆଇବା ପରେ ତାଙ୍କ ବାମହାତ ବିଶି ଆଙ୍ଗୁଠିରେ କାଳି ଲଗାଇବେ ଏବଂ ଗୃହ ପରିଦର୍ଶନ ରେଜିଷ୍ଟରରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗାଁରେ ଥିବା ଅଣ ଆବାସିକ ବିଦ୍ୟାଳୟ ଯାଇ ପିଲାଙ୍କୁ ମଧ୍ୟ ବଟିକା ଖୁଆଯିବ। ଆବାସିକ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର କାର୍ଯ୍ୟାବଳୀ କରାଯିବ। ସବୁ କାର୍ଯ୍ୟ ତଦାରଖ ପାଇଁ ୩୨୮ ସୁପରଭାଇଜର୍ ନିଯୁକ୍ତ ହୋଇଛନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ ପ୍ରକାଶ କରିଛନ୍ତି।

# ଫାଇନାଲରେ ଭୁବନେଶ୍ୱର ଟିମ୍

ନୟାଗଡ଼ ଅଫିସ,୧୦।୨

### ଇଟାମାଟି ରାଜ୍ୟସ୍ତରୀୟ କପ୍ ଫୁଟ୍‌ବଲ

ଇଟାମାଟି ଯଦୁମଣି ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଇଟାମାଟିର ବାମନ ଅବକାଶ ହାଇସ୍କୁଲ ଖେଳ ପଡ଼ିଆରେ ୧୫ ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଚାଲୁଛି । ଏହାର ୫ମ ଦିବସ ପ୍ରଥମ ସେମି ଫାଇନାଲ ମ୍ୟାଚରେ ସାନ କ୍ଲବ ଭୁବନେଶ୍ୱର ୫-୪ ଟାଇବ୍ରେକର ଗୋଲରେ ଯୁବ ଜ୍ୟୋତି କ୍ଲବ କଟକକୁ ପରାସ୍ତ କର ଫାଇନାଲକୁ ଉନ୍ନୀତ ହୋଇଛି । ପ୍ରଥମାର୍ଦ୍ଧ ଓ ୨ୟାର୍ଦ୍ଧ ଖେଳ ବେଶ ସଂଘର୍ଷପୂର୍ଣ୍ଣ ଥିଲା । ୧-୧ ଗୋଲରେ ମ୍ୟାଚ୍ ଡ୍ର ରହିଲା । ରେଫେରୀଙ୍କ ନିଷ୍ପତ୍ତି କ୍ରମେ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା । ଭୁବନେଶ୍ୱର ଦଳର ୯ ନଂ. ଖେଳାଳୀ ସନ୍ତୋଷ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ । ଶନିବାରର ୨ୟ ସେମି ଫାଇନାଲ ମ୍ୟାଚ ଆୟୋଜକ ଇଟାମାଟି ଯଦୁମଣି ଆଥ୍‌ଲେଟିକ ଆସୋସିଏଶନ ବନାମ ବଜରଙ୍ଗ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ।

### ଅଟୋ ସହ ଶାଗୁଆନ ପଟା ଜବତ

ଭଞ୍ଜନଗର,୧୦।୨(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ କାର୍ଯ୍ୟାଳୟ ନିକଟରୁ ଶୁକ୍ରବାର ସକାଳେ ବନ ବିଭାଗ କର୍ମଚାରୀ ଗୋଟିଏ ଡ଼ାଲା ଅଟୋ ସହ ୧୫ଖଣ୍ଡ ଶାଗୁଆନ ପଟା ଜବତ କରିଛି। ଏଥିସହ ୨ଜଣଙ୍କୁ ଗିରଫ କରାଯାଇଛି। ଜବତ ପଟାର ମୂଲ୍ୟ ପ୍ରାୟ ୨୫ ହଜାର ଟଙ୍କା ହେବ।

# ବିଭିନ୍ନ ଯୋଜନାର ସମୀକ୍ଷାକଲେ ଷ୍ଟାଣ୍ଡିଂ କମିଟି

ପାରଳାଖେମୁଣ୍ଡି, ୧୦।୨ (ଡି.ଏନ୍.ଏ):

ବିଭାଗୀୟ ଅନୁବନ୍ଧିତ ଷ୍ଟାଣ୍ଡିଂ କମିଟି ସବ କମିଟି ଶୁକ୍ରବାର ଗଜପତି ଜିଲା ଗସ୍ତରେ ଆସି ସହ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଖାଦ୍ୟ ଯୋଗାଣ, ସମବାୟ ଏବଂ ହସ୍ତତନ୍ତ୍ର ଓ ବୟନ ଶିଳ୍ପ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ କମିଟି ସମୀକ୍ଷା କରିଛନ୍ତି। କମିଟି ସଦସ୍ୟ ତଥା ବିଧାୟକ ଅରବିନ୍ଦ ଢ଼ାଲି ଓ ସତ୍ୟନାରାୟଣ ପ୍ରଧାନ ସମୀକ୍ଷା କରୁଥିଲେ। ମୋହନା ବିଧାୟକ ଦାଶରଥି ଗମାଙ୍ଗ ଓ ଜିଲା ପରିଷଦ ଅଧକ୍ଷ ଜି ତିରୁପତି ରାଓ ଉପସ୍ଥିତ ଥିଲେ। ଜିଲାରେ ନୂତନ ହିତାଧିକାରୀଙ୍କ ଯୋଗ ଓ ମୃତ ହିତାଧିକାରୀଙ୍କୁ ବାଦ, ଗୋଦାମ ଗୃହ, ମିଲର ସଂଖ୍ୟା, ଆରଏମସି ଦ୍ୱାରା ଚାଷୀଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଣ ଜିଲାରେ ହସ୍ତଶିଳ୍ପ କାରିଗରଙ୍କ ସଂଖ୍ୟା, ଓଡ଼ିଶା ସରକାଙ୍କ ଦାରା ଅନୁମୋଦିତ କ୍ରାପ୍ଟ ସଂଖ୍ୟା ଏବଂ ଏଥିରେ ନିଯୁକ୍ତି ହୋଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ଉପରେ ସମୀକ୍ଷା କରାଯାଇଛି। ବୈଠକରେ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଜିଲାରେ ୫ ଲକ୍ଷ ୩୩ ହଜାର କୁଇଣ୍ଟାଲ ଧାନ କିଣା ଯାଇଛି ବୋଲି ସୂଚନା ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ନାୟକ (ରାଜସ୍ୱ), ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂ, ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ ରଥଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଥିଲେ।




# ଚାଉଳ ରାଜନୀତି: ୧୫ରେ ଆନ୍ଦୋଳନ କରିବ ବିଜେଡି

ଭଞ୍ଜନଗର,୧୦।୨(ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଗତ ଡିସେମ୍ବର ମାସରୁ ବନ୍ଦ ହୋଇଯାଇଛି । ଏହାଦ୍ୱାରା ଭଞ୍ଜନଗର ଉପଖଣ୍ଡର ୮ଟି ବ୍ଲକ ଏବଂ ୫ଟି ଏନ୍ଏସିର ପ୍ରାୟ ୯ ଲକ୍ଷ ହିତାଧିକାରୀ ପ୍ରଭାବିତ ହୋଇଛନ୍ତି । ଯାହାକୁ ନେଇ ଭଞ୍ଜନଗର ବ୍ଲକ ଏବଂ ଏନଏସି ବିଜେଡି ପକ୍ଷରୁ ଆସନ୍ତା ୧୫ ଓ ୧୬ ତାରିଖ ଦୁଇଦିନ ଧରି ଆନ୍ଦୋଳନ କରାଯିବ। ଏନେଇ ସୂଚନା ଦେଇଛନ୍ତି ଭଞ୍ଜନଗର ବ୍ଲକ ଏମ୍‌ପି ପ୍ରତିନିଧି ଦିବାକର ନାୟକ।

ପ୍ରକାଶ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ୫ କେଜି ଚାଉଳ କିମ୍ବା ଗହମ ୫ ଟଙ୍କାରେ ମିଳୁଥିଲା। କୋଭିଡ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଅତିରିକ୍ତ ୫ କେଜି ଚାଉଳ କିମ୍ବା ଗହମ ହିତାଧିକାରୀଙ୍କୁ ମିଳୁଥିଲା। ଏହି ଯୋଜନା ପ୍ରାୟ ୨ ବର୍ଷ ଚାଲିଥିଲା। ଗତ ଡିସେମ୍ବରମାସରୁ କେନ୍ଦ୍ର ସରକାର ଏହି ଯୋଜନା ବନ୍ଦ କରିଦେଇଛନ୍ତି। ଏହି ଯୋଜନାରେ ଆସିଥିବା ଚାଉଳ ଶୁକ୍ରବାର ମଧ୍ୟରେ ବାଣ୍ଟିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା, ଯାହା ଶେଷ ହୋଇଛି। ଏବେ ହିତାଧିକାରୀ ପିଛା କେବଳ ୫ କେଜି ଚାଉଳ ଜାନୁଆରୀ ମାସର କୋଟା ମିଳିବ । କିନ୍ତୁ ତାହା ୫ଟଙ୍କା ବଦଳରେ ମାଗଣା ମିଳିବ । ଏଥିସହ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ମଧ୍ୟ ହିତାଧିକାରୀଙ୍କୁ ମାଗଣାରେ ମିଳିବ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଗହମ ଗତ ଅଗଷ୍ଟ ମାସରୁ ୨୦୨୩ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଯୋଗାଣ ବନ୍ଦ ଅଛି। ଭଞ୍ଜନଗର ବ୍ଲକ ଓ ଏନଏସି, ବେଲଗୁଣ୍ଠା ବ୍ଲକ ଓ ଏନଏସି, ସୋରଡ଼ା ବ୍ଲକ ଓ ଏନଏସି, ବୁଗୁଡ଼ା ବ୍ଲକ ଓ ଏନଏସି, ଆସିକା ବ୍ଲକ ଓ ଏନଏସି, ଜଗନ୍ନାଥପ୍ରସାଦ, ଧରାକୋଟ, ଶେରଗଡ଼ ବ୍ଲକରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨ଲକ୍ଷ ୪୭ ହଜାର ୮୮୫ କାର୍ଡ଼ ଅଛି । ତାହାର ସୁଫଳ ୮ଲକ୍ଷ ୬୫ ହଜାର ୪୧୮ ହିତାଧିକାରୀ ପାଉଛନ୍ତି। ଅନ୍ତ୍ୟୋଦୟ ଯୋଜନାରେ ୨୬ ହଜାର ୩୭୧ଟି କାର୍ଡ଼ ଥିବାବେଳେ ଏଥିରେ ୭୩ ହଜାର ୯୨୦ ହିତାଧିକାରୀ ଅଛନ୍ତି। ଅନ୍ୟପଟେ ବିଜୁଳି ପ୍ରାୟ ଅଧିକାଂଶ ଘରେ ଥିବା ବେଳେ କିରାସିନି ଦର ଅଧିକ ଯୋଗୁ ହିତାଧିକାରୀମାନେ କିରାସିନି କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଉପଖଣ୍ଡ ଯୋଗାଣ ବିଭାଗ ଅଧିକାରୀ ଅସିତ ମହାନ୍ତି କହିଛନ୍ତି, ସରକାରଙ୍କ ଯାହା ନିର୍ଦ୍ଦେଶ ଆସିଲା ତାହାକୁ ଆମେ କାର୍ଯ୍ୟକାରୀ କରୁଛୁ। ଅପରପକ୍ଷେ କେନ୍ଦ୍ର ସରକାରଙ୍କ ଏଭଳି ଜନବିରୋଧି ନୀତି ବିରୋଧରେ ବିଜେଡି ଆସନ୍ତା ୧୫ ତାରିଖରେ ଭଞ୍ଜନଗର ବ୍ଲକର ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ଓ ୧୬ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଭଞ୍ଜନଗର ବ୍ଲକ ଏମପି ପ୍ରତିନିଧି ଦିବାକର ନାୟକ ସୂଚନା ଦେଇଛନ୍ତି ।

### ଭଞ୍ଜନଗର ଉପଖଣ୍ଡର ୯ଲକ୍ଷ ହିତାଧିକାରୀ ପ୍ରଭାବିତ



ଚାଉଳ ବଣ୍ଟନ ଚାଲିଛି ।

